

# ଚରମ ଚୈତନ୍ୟ ମହାଯଜ୍ଞ

## ଚତୁର୍ଥ ଚରଣ






ମହାଶୂନ୍ୟ
ଚିତ୍ର ନଂ. ୧
କେଶବଙ୍କ ମର୍ତ୍ତ୍ୟାବତରଣର
କିଞ୍ଚିତ୍ ସୂତ୍ର
ପୂର୍ଣ୍ଣ
ମହାଶୂନ୍ୟ
ଅବ୍ୟକ୍ତ
ଚରମ
ଅରୂପ
ଅସଂଖ୍ୟ ବ୍ରହ୍ମାଣ୍ଡର ଉତ୍ପତ୍ତି
ଶକ୍ତି ମାୟା
ରଜ୍ଜୁ
ପୁରୁଷ ପ୍ରକୃତି
ମହା
ଶୂନ୍ୟ
ବ୍ୟକ୍ତ
ସାକାର
ପରବ୍ରହ୍ମ
ପ୍ରକୃତି ପୁରୁଷ
ଶ୍ରୀରାଧା କୃଷ୍ଣ
ନିତ୍ୟରାସସ୍ଥଳ
ଯୋଗୀ, ମୁନି,
ଋଷି, ବ୍ରହ୍ମର୍ଷି ଇତ୍ୟାଦି
ଏବଂ ଅବତାର,
ଅବତାରୀଙ୍କ
ମର୍ତ୍ତ୍ୟାବତରଣ
(ଗୁରୁ, ଉପଗୁରୁ, ଖଣ୍ଡଗୁରୁ, ସଦ୍‌ଗୁରୁ)
ଜରାୟୁ
ଶିଶୁ
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ନାଭିସୂତ୍ରୀ
ଚକ୍ଷୁସୂତ୍ରୀ
ନାସାସୂତ୍ରୀ
କର୍ଣ୍ଣସୂତ୍ରୀ
ତୁଣ୍ଡସୂତ୍ରୀ
ମାଂସ
ମଦ
ମତ୍ସ୍ୟ
ମୁଦ୍ରା
ମୈଥୁନ
ସାକାରବ୍ରହ୍ମଙ୍କର ପିତା,
ମାତାଙ୍କ ମର୍ତ୍ତ୍ୟାବତରଣ
ଯୁଗାନୁବାଦରେ ତତ୍କାଳୀନ ପରିସ୍ଥିତି
ଆଧାରରେ ଅବତାର, ଜ୍ଞାନତତ୍ତ୍ୱଯୋଗୀ
ଧର୍ମଯାଜକ, ପରିବ୍ରାଜକ, ସାଧୁ,
ସନ୍ଥ, ସନ୍ନ୍ୟାସୀ ଇତ୍ୟାଦି ।
ଚରମ
ଗୁରୁଅଙ୍ଗ
ଶ୍ରୀକେଶବ ପୂର୍ଣ୍ଣ ନରତନୁ/ପୂର୍ଣ୍ଣଗୁରୁ


ଚିତ୍ର ନଂ.୨
ଅବ୍ୟକ୍ତ, ବ୍ୟକ୍ତ, ବ୍ରହ୍ମ, ଅବସ୍ଥା
ଅବ୍ୟକ୍ତ
ଶ୍ରୀକେଶବ, ନିର୍ଗୁଣମୟ,
ଅରୂପ, ନିରାମୟ
ପୁରୁଷ (ଶ୍ରୀକୃଷ୍ଣ) (୧)
(ଶ୍ରୀମନ୍ନାରାୟଣ)
ମହାବିଷ୍ଣୁ
(୨) ପ୍ରକୃତି (ଶ୍ରୀରାଧା/ମହାଲକ୍ଷ୍ମୀ)
ନିତ୍ୟରାସ ମଣ୍ଡଳ
ଗୋଲୋକଧାମ
ପ୍ରକୃତିଙ୍କ ସ୍ୱେଦ ଜଳରେ ପୂର୍ଣ୍ଣ ଜଳରାଶି
ଅଧିପତି ଦେବତା ବରୁଣ ପତ୍ନୀ ବାରୁଣୀ
ପ୍ରକୃତିଙ୍କ ନିଶ୍ୱାସରୁ ପବନ-ବାୟୁ ମୂଳାଧାର
ଅଧିପତି ଦେବତା-ବାୟୁଦେବ, ପତ୍ନୀ-
୧+୨
ବୈକୁଣ୍ଠ
(ଲକ୍ଷ୍ମୀନାରାୟଣ
ଲକ୍ଷ୍ମୀବିଷ୍ଣୁ)
ବ୍ରହ୍ମମଣ୍ଡଳ
(ବ୍ରହ୍ମା ସାବିତ୍ରୀ)
ଶିବମଣ୍ଡଳ (କୈଳାଶ)
ମହଦେବ-ଦୁର୍ଗା (ପାର୍ବତୀ)
ମୃତ୍ୟୁଲୋକ
ପୃଥିବୀ

## ଚିତ୍ର ନଂ-୩
## ମାୟାର ବ୍ୟାପକତା



## ଚିତ୍ର ନଂ-୪
## ବିଷ୍ଣୁମାୟାଙ୍କ ବିସ୍ତାରିତ କାୟା



ଓଁ

ନମୋ ଭଗବତେ ଯଦୁନନ୍ଦନାୟ ସୁକାନ୍ତିସୁତାୟ କେଶବଚନ୍ଦ୍ରାୟ !!!

# ଚରମ ଚୈତନ୍ୟ ମହାଯଜ୍ଞ
# (ଚତୁର୍ଥ ଚରଣ)
# ଓ
# ସାନ୍ଧ୍ୟ ସତ୍‌ସଙ୍ଗ ମହୋତ୍ସବ

୧୪୨୨ ସାଲ, ମେଷ ଦି୧୮ନ, ବୈଶାଖ ଦି୧୧ନ, ସନ ୨୦୧୫ ମସିହା ମଇ ତା୧ରିଖ ଶୁକ୍ରବାର ଠାରୁ ମେଷ ଦି୨୧ନ, ବୈଶାଖ ଦି୧୪ନ, ମଇ ତା୪ରିଖ ସୋମବାର ''ଚନ୍ଦନ ପୂର୍ଣ୍ଣିମା'' ପର୍ଯ୍ୟନ୍ତ ଅନୁଷ୍ଠିତ ।

ସ୍ଥାନ : ସାହାରପଡ଼ା, କେନ୍ଦୁଝର ।

ସୌଜନ୍ୟ :

## ସ୍ୱର୍ଣ୍ଣକ୍ଷେତ୍ର

## ବିଶ୍ୱ ଭ୍ରାତୃତ୍ୱ ଦିବ୍ୟାତ୍ମା ପରିଷଦ,

ଅଚ୍ୟୁତ ଗୁପ୍ତ ବ୍ରହ୍ମ ସଂଘ, କ୍ଷିତିଜ୍ୟୋତିଃ ଆଶ୍ରମ,

ମାହାଙ୍ଗା, କଟକ ।

**କା**ଳର ପର୍ଯ୍ୟାୟଭିତ୍ତିକ ଗତିଚକ୍ରରେ "ଚରମ ଚୈତନ୍ୟ ମହାଯଜ୍ଞ" ଆଜି ଚତୁର୍ଥ ଚରଣରେ ପଦାର୍ପଣ କରିଛି । ତୃତୀୟ ଚରଣ ଚୈତନ୍ୟ ମଣ୍ଡପରେ ବିଜେ ହୋଇ ଅବ୍ୟକ୍ତ ପୁରୁଷ ତାଙ୍କର ବ୍ୟକ୍ତ ମାନବରୂପରେ ବିରାଜମାନ କରି ନିଜର ପରିଚୟ ପ୍ରଦାନ କରି ସାରିଛନ୍ତି । 'ଚରମ', 'ଚୈତନ୍ୟ'ର ସରଳ ଭାବାର୍ଥ ଓ ମହାଯଜ୍ଞର ଉଦ୍ଦେଶ୍ୟ ସମ୍ପର୍କରେ ଯଜ୍ଞ ଉପଲକ୍ଷେ ପ୍ରକାଶିତ ସ୍ମରଣିକାରେ ଉଲ୍ଲେଖ କରି ସାରିଛନ୍ତି । ତଥାପି କିଛି ଦିବ୍ୟାତ୍ମା ମାୟା ଶିକୁଳିର ପ୍ରଭାବରେ ଉକ୍ତ ଚିରନ୍ତନ ସତ୍ୟ ଓ ବାସ୍ତବତାକୁ ଗ୍ରହଣ ନକରି ନିଜର ଅଜ୍ଞାନ, ଅଚେତନ ରୂପକ ଅନ୍ଧକାର ମଧ୍ୟରେ ନିଜକୁ ହଜାଇଦେଇ ମାଳିକାର ପ୍ରମାଣ ଖୋଜୁଛନ୍ତି, ସେ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ମଧ୍ୟ ଉତ୍‌ଥାପନ କରୁଛନ୍ତି । ଏହାହିଁ କାଳସୂତ୍ରର ପ୍ରହେଳିକା ଏବଂ ଭାବଚ୍ଛଳା ପଥର ଜ୍ୱଳନ୍ତ ଉଦାହରଣ ଅଟେ । ସମ୍ମୁଖରେ କୋଟିସୂର୍ଯ୍ୟଙ୍କର ମହାଜ୍ୟୋତି ଉଦ୍‌ଭାସିତ ହେଉଥିବା ସମୟରେ, ସେହି ଜ୍ୟୋତିକୁ ପଶ୍ଚାଦ୍‌ଭାଗରେ ରଖି ନିଜର ଅଚେତନରୂପୀ ଛାୟାକୁ ଅନ୍ଧକାର ଭାବି ତା' ମଧ୍ୟରେ କ୍ଷୁଦ୍ରାତିକ୍ଷୁଦ୍ର ଖଦ୍ୟୋତର ଆଲୋକକୁ ଖୋଜିବାରେ ସମୟ ବିତାଇଚାଲିଛନ୍ତି । କେବଳ ସେତିକି ନୁହେଁ, ଯେଉଁ ସ୍ଥାନରେ ଉକ୍ତ ଯଜ୍ଞୋତ୍ସବ ଅନୁଷ୍ଠିତ ହେଉଛି, ସେ ସ୍ଥାନ ସମ୍ପର୍କରେ ବର୍ଣ୍ଣିତ ମାଳିକା ପ୍ରାସଙ୍ଗିକତାକୁ ମଧ୍ୟ ଅତି ବ୍ୟାକୁଳ ହୋଇ ଅନୁସନ୍ଧାନ କରିବାକୁ ବ୍ୟଗ୍ର ହୋଇ ଉଠୁଛନ୍ତି । ଏହି ସମସ୍ତ ଐନ୍ଦ୍ରଜାଲିକ ମାୟାର ଆସ୍ତରଣ ପଛରେ ଯେଉଁ କେତୋଟି ଅବୋଧ୍ୟ ସତ୍ୟ ଲୁକ୍କାୟିତ ହୋଇ ରହିଯାଇଛି, ସେଥିମଧ୍ୟରୁ କିୟଦଂଶ ଆଲୋଚନାର ପ୍ରଥମ ଭାଗରେ ଉପସ୍ଥାପନ କରିବାର ପ୍ରୟାସ କରୁଛୁ ଏବଂ ଆଶା ରଖୁଛୁ ସନ୍ଦେହୀ ତଥା ଅବୁଝା ମନର ଦ୍ୱନ୍ଦ୍ୱ କିଛି ପରିମାଣରେ ସମାହିତ ହେବା ସହ ପୂଜ୍ୟ ଦିବ୍ୟାତ୍ମାଗଣ ଜିଜ୍ଞାସୁ ପତଙ୍ଗ ସମ ବ୍ରହ୍ମଲୀଳା ଏବଂ ବ୍ରହ୍ମସୂତ୍ର ରୂପକ ଆଲୋକବର୍ତ୍ତିକା ନିକଟକୁ ଆକର୍ଷିତ ହେବେ ।

ପୂଜନୀୟ ଦିବ୍ୟାତ୍ମାଗଣଙ୍କର ସ୍ମରଣ ଥାଇପାରେ ଯେ ଇଂରାଜୀ ସନ୨୦୦୦ ମସିହା ସେପ୍ଟେମ୍ବର ମାସ ୧୩ ତାରିଖରୁ ଅକ୍ଟୋବର ମାସ ୦୩

ତାରିଖ ପର୍ଯ୍ୟନ୍ତ ମାହାଙ୍ଗାସ୍ଥ ସ୍ୱର୍ଣ୍ଣକ୍ଷେତ୍ରରେ ଚରମେଶ୍ୱରଙ୍କର ପୁତ୍ରାଭିଷେକ ଉତ୍ସବ ପାଳନ ହୋଇଥିଲା । ଉକ୍ତ ଅଭିଷେକର ନାମକରଣ ସମ୍ପର୍କରେ ସଂକ୍ଷେପ ଆଲୋଚନା କଲେ, ଆପଣମାନେ ଉପଲବ୍ଧି କରିପାରିବେ ଯେ କିଏ ଏହି ଅବ୍ୟକ୍ତର ବ୍ୟକ୍ତରୂପ **ଶ୍ରୀ କେଶବଚନ୍ଦ୍ର** । କେତେ ଚତୁରତାର ସହ ସେ ଧରିତ୍ରୀଙ୍କ ସହ ତାଙ୍କର ସମ୍ପର୍କ ସେତୁ ପ୍ରତିଷ୍ଠା କରି ନିଜର ପରିଚୟ ପ୍ରଦାନ କରିଥିଲେ । ତଥାପି କାଳର ଅଖଣ୍ଡ ପ୍ରଭାବ ତଥା କଳିମହାରାଜଙ୍କ ପ୍ରଚଣ୍ଡ ସଂଘାତରେ ସେ ସମସ୍ତ ହ୍ଲାଦିନୀ ଶକ୍ତି ନିଷ୍ପ୍ରଭ ହୋଇଯାଇଅଛି । କାରଣ ସମ୍ପ୍ରତି ମନୁଷ୍ୟର ମନ ମଧ୍ୟରୁ ପ୍ରେମ, ଭକ୍ତି, ଶ୍ରଦ୍ଧା, ଅହିଂସା, ଜ୍ଞାନ, ବିବେକ (ଚେତନା) ଆଦି ସୁଗୁଣ ଅପସରି ଯାଇ ହିଂସା, ଦ୍ୱେଷ, ପରଶ୍ରୀକାତରତା, ଅବିବେକିତା (ଅଚେତନତା), ଅଜ୍ଞାନତା ଆଦି କୁଗୁଣଗୁଡ଼ିକ ଜମାଟ ବାନ୍ଧିଯାଇଛି । ସମାଜରେ ବର୍ତ୍ତମାନ ଉପସ୍ଥିତ ଥିବା ଅଜବ ତଥା ବିକଳ୍ପ ଯୁକ୍ତି, ବିଜ୍ଞାନର କ୍ଷଣିକ ଚମତ୍କାରିତା ଏବଂ ଅଜ୍ଞାନର ଦୃଢ଼ ପରଦାର ପ୍ରଭାବ ବାସ୍ତବତାକୁ ଅସ୍ୱୀକାର କରିଚାଲିଛି । ସେହି କାରଣରୁ ସ୍ନେହ, ପ୍ରୀତି, ମମତା ଆଦି ସାତ୍ତ୍ୱିକଗୁଣଗୁଡ଼ିକର ଅଭାବରେ ଧରାପୃଷ୍ଠରେ ଶାନ୍ତି, ସଂହତି, ସତ୍ୟ ପ୍ରତିଷ୍ଠା ପ୍ରାୟତଃ ଅସମ୍ଭବ ମନେହେଉଛି । ଉକ୍ତ ସୁଗୁଣଗୁଡ଼ିକର ଅଧିକାରୀ ହେବାକୁ ହେଲେ ସ୍ରଷ୍ଟାଙ୍କର ପ୍ରତ୍ୟକ୍ଷ ଅବା ପରୋକ୍ଷ ଆଶୀର୍ବାଦ ଏକାନ୍ତ କାମ୍ୟ । ନଚେତ୍ ଦିବ୍ୟଗୁଣ ତଥା ଦିବ୍ୟସତ୍ତା ମନୁଷ୍ୟ ମଧ୍ୟରେ ଅଙ୍କୁରିତ ହେବା ଆଦୌ ସମ୍ଭବପର ହେବନାହିଁ । କେବଳ ସେହିକାରଣରୁ ହିଁ ଆଗାମୀ ସନ୍ଧିକ୍ଷଣରେ ଜୀବଜଗତକୁ ପ୍ରଳୟର କ୍ରୂରଚକ୍ରରୁ ରକ୍ଷାକରି ଅମୃତତ୍ୱର ସ୍ୱାଦୋପଲବ୍ଧି କରାଇବାର ଲକ୍ଷ୍ୟନେଇ କଲ୍ୟାଣମୟ ଠାକୁରେ ଗୋଟିକପରେ ଗୋଟିଏ **ଜୀବ–ପରମ** ମିଳନର ସେତୁ ପ୍ରତିଷ୍ଠା କରିଚାଲିଛନ୍ତି । ତାଙ୍କର ମାନସ ସନ୍ତାନ ପତ୍ରିକା 'ଚରମ' ପୃଷ୍ଠାରେ ଲିଖିତ ଭାବରେ, ସତ୍‌ସଙ୍ଗର ଆଲୋଚନା ମାଧ୍ୟମରେ ଏବଂ ସମୟାନୁକ୍ରମେ ଦିବ୍ୟବାଣୀ/ସନ୍ଦେଶ ଜରିଆରେ କଲ୍ୟାଣ ବର୍ଷାକରି ଚାଲିଛନ୍ତି । ଅତ୍ୟନ୍ତ ନିଗୂଢ଼ ରହସ୍ୟ, ଯାହା ଆଜି ପର୍ଯ୍ୟନ୍ତ ଧରାବତରଣ କରି ନଥିଲା, ସେଗୁଡ଼ିକ ପର୍ଯ୍ୟାୟକ୍ରମେ ଅନାବରଣ କରିଚାଲିଛନ୍ତି । ତଥାପି ଅବୁଝା

ମନ ବୁଝିବାକୁ କୁଣ୍ଠିତ । ଏହାସତ୍ତ୍ୱେ ସେ ପରଂବ୍ରହ୍ମ ପରମେଶ୍ୱର ନିର୍ବିକାର ଚିତ୍ତରେ ତାଙ୍କର ପ୍ରତିଶ୍ରୁତିବଦ୍ଧତାର ପ୍ରମାଣ ଦେଇ ଚାଲିଛନ୍ତି ।

ଆସନ୍ତୁ, ସେହିପରି ଏକ ଅନାଲୋଚିତ, ଅବୋଧ ତଥା ଗୋପନସୂତ୍ରର ଆଲୋଚନା ମଧ୍ୟକୁ ମନୋନିବେଶ କରିବା । ଆମେ ସମସ୍ତେ ଆମର ଏ ପବିତ୍ର ଭୂମିକୁ ଧରିତ୍ରୀ, ପୃଥିବୀ, ମୃତ୍ତିକା ଇତ୍ୟାଦି ନାମରେ ସମ୍ବୋଧନ କରିଚାଲିଛେ । କିନ୍ତୁ ଏହାର ଉତ୍ପତ୍ତି କିପରି, କେବେ, କେଉଁ ଅବସ୍ଥାରେ ହୋଇଥିଲା, ସେହି ଗୂଢ଼ ରହସ୍ୟକୁ ଭେଦ କରିବାର ସାମର୍ଥ୍ୟ ଆମ୍ଭମାନଙ୍କର ନାହିଁ । ସେଇଥି ପାଇଁ ଏହି ସ୍ମରଣିକାର ପ୍ରାସଙ୍ଗିକତା ନଥିଲେ ମଧ୍ୟ ଆମ୍ଭ ଜନ୍ମଭୂମିର ଧରାବତରଣ ରହସ୍ୟକୁ ଉନ୍ମୋଚନ କରିବା ଉଦ୍ଦେଶ୍ୟରେ ବିଗତ ସନ ୨୦୦୦ ମସିହାର ରହସ୍ୟମୟ **ଅଭିଷେକ** ମହାପର୍ବର କିଛି ଅଂଶକୁ ସ୍ମରଣ କରିବା ଉଚିତ ମନେ କରୁଅଛୁ ।

ପୁତ୍ରର ଅଭିଷେକ = ପୁତ୍ରାଭିଷେକ । **କିଏ ପୁତ୍ର ? କାହାର ପୁତ୍ର ? କିଏ ଅଭିଷେକ କରିଥିଲେ ? କାହିଁକି ଅଭିଷେକ କରିଥିଲେ ?** ପୂର୍ବ ପ୍ରକାଶିତ ସ୍ମରଣିକା, ସତ୍‌ସଙ୍ଗ ଅନୁଷ୍ଠାନ ମାଧ୍ୟମରେ ଆମେ ବାରମ୍ବାର ଉଦ୍‌ଘୋଷଣା କରିଛୁ ଯେ ସ୍ରଷ୍ଟାଙ୍କ ଇଚ୍ଛା ହିଁ ସୃଷ୍ଟି । ତାଙ୍କର ଲୀଳା ହେଉଛି ସୃଷ୍ଟିର ଚଳନକ୍ରିୟା । ସ୍ୱ ସୃଷ୍ଟ ନୀତି ଓ ନିୟମକୁ କଦାପି ସେ ଅନାଦର କରନ୍ତି ନାହିଁ । ସୀମା ଲଂଘନ ମଧ୍ୟ କରନ୍ତି ନାହିଁ । ସ୍ୱ ଇଚ୍ଛାରେ ନିଜକୁ ସୃଷ୍ଟି କରାଇ ମାନବ ଅଙ୍ଗରେ ଅବତରି ଆସିଥିଲେ ମଧ୍ୟ ପଞ୍ଚଭୂତର ଆଧାରରେ ନିର୍ମିତ ଏହି ଧରିତ୍ରୀର ନିୟମ ପାଳନ କରିବା ପାଇଁ ସେ ବାଧ୍ୟ ହୋଇଛନ୍ତି । ସେହି ନିୟମାବଳୀର ନୀତି ପାଳନ ପ୍ରକ୍ରିୟାରେ ଧରିତ୍ରୀରେ ସେ ଲୀଳା, ଖେଳ କରୁଥିଲେ ମଧ୍ୟ ତାଙ୍କୁ ମା' ଧରିତ୍ରୀ ପୁତ୍ରରୂପେ ସ୍ୱୀକୃତି ଦେବା ଏକ ଅନିବାର୍ଯ୍ୟ ବିଧି ଅଟେ । ଅବଶ୍ୟ ଏହି ସ୍ଥଳରେ ଏକ ଦ୍ୱନ୍ଦ୍ୱ ଉପୁଜିବା ସ୍ୱଭାବିକ । ତାହା ହେଉଛି, ଜନ୍ମ ନେଇ ଭୂମିଷ୍ଠ ହେବା ମାତ୍ରେ ଧରିତ୍ରୀର ସନ୍ତାନଭାବେ ସ୍ୱୀକୃତି ଆପେ ଆପେ ପ୍ରାପ୍ତ ହୋଇଯାଏ । ତେଣୁ ପରିଣତ ବୟସର ପୁନଃ ସ୍ୱୀକୃତିର

ପ୍ରୟୋଜନ ନାହିଁ, ଏହା ସତ୍ୟ । ଏହି ପରିପ୍ରେକ୍ଷୀରେ କେତେଗୋଟି ଉଦାହରଣ ଦିଆଯାଇପାରେ । ସାଧାରଣ ପରିବାରରେ ଶିଶୁଟିଏ ଜନ୍ମ ନେଲେ, ସୂକ୍ଷ୍ମସୂତ୍ରର ଅଦୃଶ୍ୟ ତତ୍ତ୍ୱରେ ତା'ର ଜନ୍ମର ଏକୋଇଶି ଦିନ ପର୍ଯ୍ୟନ୍ତ ଏକ ନିର୍ଦ୍ଦିଷ୍ଟ ବିଧାନ ଅନୁସରଣ କରି ଶେଷଦିନ ଏକୋଇଶିଆ ପର୍ବ ପାଳନ କରିବାର ଯଥାର୍ଥତା କ'ଣ ହୋଇପାରେ ? ଏହା ଅନୁସୃତ ହୁଏ, କେବଳ ଧରିତ୍ରୀଙ୍କର ସ୍ୱୀକୃତି ଲାଭ କରିବା ନିମିତ୍ତ । ଏହା ବ୍ୟତୀତ ବଂଶାନୁକ୍ରମିକ ପ୍ରକ୍ରିୟାରେ ଜଣେ ରାଜାଙ୍କର ପୁତ୍ର (ରାଜକୁମାର) ଉତ୍ତରାଧିକାର ସୂତ୍ରରେ ରାଜସିଂହାସନର ଅଧିକାରୀ । ତାହା ସତ୍ତ୍ୱେ ତାଙ୍କୁ ପୁନର୍ବାର ସିଂହାସନରେ ଅଭିଷେକ କାହିଁକି କରାଯାଏ ? କେବଳ ଧରିତ୍ରୀଙ୍କ ନିକଟରୁ ରାଜାର ସ୍ୱୀକୃତି ଲାଭ କରିବାପାଇଁ । ସମାଜରେ ଅପରିଚିତ ପୁଅ ଓ ଝିଅ ପୃଥକ ଭାବରେ ରହିଥା'ନ୍ତି । ପୁରୋହିତ ମାଧମରେ ବୈଦିକ ପ୍ରଥା ଅଥବା ଯେକୌଣସି ପ୍ରଚଳିତ ସ୍ୱୀକୃତ ପ୍ରଥା ଦ୍ୱାରା ଉଭୟଙ୍କ ବିବାହ କାର୍ଯ୍ୟ ସମ୍ପାଦନ କରା ନଗଲେ ସମାଜ ସେମାନଙ୍କୁ ସ୍ୱାମୀ ସ୍ତ୍ରୀର ମର୍ଯ୍ୟାଦା ପ୍ରଦାନ କରିଥାଏ କି ? ଠିକ୍ ସେହିପରି ସ୍ରଷ୍ଟା ସ୍ୱୟଂ ଅବତରିତ ହୋଇ ଧରିତ୍ରୀ କୋଳରେ ଲୀଳା ପ୍ରକଟ କରିଚାଲିଥିଲେ ମଧ୍ୟ ପ୍ରକୃତିରାଣୀଙ୍କ ଅବଧାରିତ ନିୟମାନୁସାରେ ତାଙ୍କୁ ଧରିତ୍ରୀରେ ପରିଚିତ କରିବା ପାଇଁ ବୈଦିକ ସ୍ୱୀକୃତି ଅପରିହାର୍ଯ୍ୟ ଅଟେ । ବିଗତ ଯୁଗମାନଙ୍କରେ ମଧ୍ୟ ଅବତାର ଏବଂ ଅବତାରୀ ପୁରୁଷ ପୁଙ୍ଗବଗଣ ଏହି ନିୟମ ସୂତ୍ରରେ ଅଭିଷିକ୍ତ ହୋଇଥିଲେ । ସେହି କ୍ରମରେ କେବଳ ଅବତାର, ଅବତାରୀ ନୁହନ୍ତି, ସମସ୍ତ ବରପୁତ୍ର ଯେଉଁମାନେ ସୃଷ୍ଟିରକ୍ଷା, ପାଳନ ତଥା ସଂହାରାଦି କ୍ରିୟାପାଇଁ ଆଶୀର୍ବାଦଯୁକ୍ତ ହୋଇ ପ୍ରେରିତ ହୋଇଛନ୍ତି ଏବଂ ଭବିଷ୍ୟତରେ ହେବେ, ସେମାନଙ୍କର ମଧ୍ୟ ଅଭିଷେକ ହୋଇଅଛି ଏବଂ ହେବ । ଏହି କ୍ରିୟା ବ୍ୟତିରେକେ ଧରିତ୍ରୀର ଋଣୀ ହୋଇ ରହିଯିବାକୁ ହେବ । ଧରିତ୍ରୀ, ପୁତ୍ରର ସ୍ୱୀକୃତି କଦାପି ଦେବେ ନାହିଁ । କାହିଁକି ଏତେ କଠୋର ବିଧି ସ୍ଥିରୀକୃତ ହୋଇଛି ? ତାହାର କାରଣ -

ମର୍ତ୍ତ୍ୟଭୂମି ନିର୍ମାଣର ଅନେକ ପୂର୍ବରୁ କଳ୍ପଯୁଗ ଭୋଗର **୫୪ (ଚଉବନ) କଳ୍ପରେ** ବ୍ରହ୍ମଦେବ ପ୍ରକୃତିଙ୍କ ପଞ୍ଚପ୍ରଧାନ ଅଂଶରୁ ଏକ ଅଂଶ 'ମା' ଧରିତ୍ରୀ'ଙ୍କୁ ତପ ଆଚରଣ କରିବାପାଇଁ ନିର୍ଦ୍ଦେଶ ଦେଲେ । ସେତେବେଳେ ଧରିତ୍ରୀଙ୍କର କେଣସି ରୂପ ନଥିଲା, ଆକାର ନଥିଲା, ପ୍ରକୃତି, ପ୍ରବୃତ୍ତି ବା ନିବୃତ୍ତି କିଛି ହିଁ ନଥିଲା । ଶୁଦ୍ଧ ସ୍ଫଟିକ ଜ୍ୟୋତିର ଆଭାରେ ଶୂନ୍ୟସତ୍ତାରେ ଭାସମାନ ଅବସ୍ଥାରେ ଥିଲେ । ବ୍ରହ୍ମାଙ୍କର ନିର୍ଦ୍ଦେଶାନୁକ୍ରମେ ମା' ଧରିତ୍ରୀ କଠୋର ତପ ଆଚରଣ କରିଥିଲେ । ତପ ସିଦ୍ଧ ପରେ ବ୍ରହ୍ମଦେବ ତାଙ୍କୁ ମର୍ତ୍ତ୍ୟଭୂମି ନିର୍ମାଣର ଆଧାର ହେବା ପାଇଁ ଆଶୀର୍ବାଦଯୁକ୍ତ ଆଜ୍ଞା ପ୍ରଦାନ କଲେ । ଆଜ୍ଞାପାଳନ ପାଇଁ ମା' ଧରିତ୍ରୀ ବ୍ରହ୍ମଙ୍କ **''ହିମାଣ୍ଡି''** ଦ୍ୱାରକୁ ମାଧ୍ୟମ କରି ମର୍ତ୍ତ୍ୟଧାମକୁ ପ୍ରବେଶ କରିବାପାଇଁ **''ମୃତ୍ତିକା''** ଆକାର ଧାରଣ କଲେ । ସେହି ମୃତ୍ତିକାର ଆଧାରଶିଳା ଉପରେ ଆଜି ଏ ମର୍ତ୍ତ୍ୟଭୂମିର ସୃଷ୍ଟି । ମୃତ୍ତିକା ରୂପ ନେଇ ମର୍ତ୍ତ୍ୟଭୂମି ସୃଷ୍ଟିର କାରଣରୂପେ ବିରାଜିତ ହେବା ପୂର୍ବରୁ ମା' ଧରିତ୍ରୀ ତପର ଫଳସ୍ୱରୂପ ନିମ୍ନୋକ୍ତ ବରପ୍ରାପ୍ତ ହୋଇଥିଲେ ।

**୧.** ସୃଷ୍ଟିନିର୍ମାଣ, ପାଳନ, ସଂହାର ତଥା ପରିଚାଳନା ଏବଂ ବ୍ରହ୍ମସୂତ୍ର, ବ୍ରହ୍ମଲୀଳା ସଂଗଠନା ପାଇଁ ପ୍ରେରିତ ସମସ୍ତ ବରପୁତ୍ର ଓ ସୃଷ୍ଟିରେ ଉତ୍ପନ୍ନ ହେବାକୁ ଥିବା ସମସ୍ତ ଜୀବଜଗତ ତାଙ୍କରି କୋଳରେ ଆଶ୍ରୟ ନେବେ ଓ ଧରିତ୍ରୀକୁ ମା'ର ମର୍ଯ୍ୟାଦା ପ୍ରଦାନ କରିବେ ।

**୨.** ପର୍ଯ୍ୟାୟ କ୍ରମରେ ସାଧ୍ୱୀ, ସନ୍ଥ, ସାଧକ, ସିଦ୍ଧପୁରୁଷ, ମହାପୁରୁଷ, ମୁନି, ଋଷି, ଯୋଗୀ, ଅବତାର, ଅବତାରୀ ତାଙ୍କରି କୋଳରେ ଆବିର୍ଭାବ ହେବେ ଓ ଲୀଳା ପ୍ରକଟ କରିବେ । କିନ୍ତୁ ମର୍ତ୍ତ୍ୟକୁ ଧରାବତରଣ କରିବାମାତ୍ରେ ମା' ଧରିତ୍ରୀଙ୍କୁ ସୂକ୍ଷ୍ମରେ ନିଜର ଦର୍ଶନ ଓ ପରିଚୟ ପ୍ରଦାନ କରିବେ ।

**୩.** ଅବତାରୀ ହୁଅନ୍ତୁ ବା ଅବତାର ଅଥବା ସ୍ୱୟଂ ଅବ୍ୟକ୍ତ ଯଦି ବ୍ୟକ୍ତରୂପରେ ଧରିତ୍ରୀ (ମୃତ୍ତିକା-ମର୍ତ୍ତ୍ୟଭୂମି)କୁ ଆସନ୍ତି, ତେବେ ସେ ବ୍ରହ୍ମବେଳାରେ ମା' ଧରିତ୍ରୀଙ୍କୁ

ସୂକ୍ଷ୍ମ ଦର୍ଶନ ଦେବେ ତଥା ମା' ତାଙ୍କୁ କୋଳରେ ଧାରଣ କରି ପୁତ୍ରର ସ୍ୱୀକୃତି ପ୍ରଦାନ କରିବେ । ଏହି ସୂକ୍ଷ୍ମକ୍ରିୟାର ସ୍ଥୂଳ ପରିପ୍ରକାଶ **ଅଭିଷେକ** ନାମରେ ନାମିତ ହୋଇ ଜୀବଜଗତରେ ପ୍ରକାଶିତ ହେବ ।

୪. ଯୋଗମାୟାଙ୍କ ଯୋଗାଙ୍ଗୀ ତତ୍ତ୍ୱ ଓ ମହାମାୟାଙ୍କ ମୋହିନୀ ତତ୍ତ୍ୱର ଲୀଳାଂଶ ସେ (ଧରିତ୍ରୀ) ନିଜେ ହିଁ ହେବେ । ଏହି ବର ପ୍ରଭାବରେ ଶିଶୁଟିଏ ଜନ୍ମ ହୋଇ ଧରିତ୍ରୀରେ ଭୂମିଷ୍ଠ ହେବାମାତ୍ରେ ସେ ସମ୍ପୂର୍ଣ୍ଣ ଭାବରେ ମୋହାଚ୍ଛନ୍ନ ହୋଇଥାଏ । କିନ୍ତୁ ଅବତାର, ଅବତାରୀ, ବରପୁତ୍ରମାନେ ଜାତସ୍ମର ହୋଇଥିବାରୁ ଭୂମିଷ୍ଠ ହେବାର ପୂର୍ବକ୍ଷଣରେ ମା' ଧରିତ୍ରୀଙ୍କୁ ମା' ସମ୍ବୋଧନ କରି ସୂକ୍ଷ୍ମ ଦର୍ଶନ ଦେଉଥିବାରୁ, ତାଙ୍କୁ ମାୟାଂଶ ବା ମୋହାବସ୍ଥା ସ୍ପର୍ଶ କରି ନଥାଏ । ଉଭୟ ପ୍ରଜାତିର ଆତ୍ମା, ଶରୀର ଧାରଣ କରି ଧରିତ୍ରୀ ସ୍ପର୍ଶ କରିବାମାତ୍ରେ ଜୀବନର ପୂର୍ଣ୍ଣାଙ୍ଗ ପ୍ରାପ୍ତି ପାଇଁ ସାଧନ କ୍ରିୟା, ସିଦ୍ଧିପ୍ରାପ୍ତିର ଆଧାର ମଧ୍ୟ ଏହି ମର୍ତ୍ତ୍ୟଭୂମି ହୋଇଯାଇଛି । ତେଣୁ ମର୍ତ୍ତ୍ୟ ବୈକୁଣ୍ଠର ଭାବ, ପ୍ରେମ, ସ୍ନେହ, ଶ୍ରଦ୍ଧାର ସମସ୍ତ କାରଣ, କ୍ରିୟା, ଶକ୍ତି, କର୍ତ୍ତବ୍ୟ ଧରିତ୍ରୀଙ୍କ ଦ୍ୱାରା ହିଁ ସମ୍ପନ୍ନ ହେଉଅଛି । ତାହାରି ସୂକ୍ଷ୍ମପ୍ରଭାବ, ସ୍ଥୂଳ ରୂପରେ ଜନ୍ମଦାତ୍ରୀ ଜନନୀଙ୍କ ମଧ୍ୟରେ ପୂର୍ଣ୍ଣମାତ୍ରାରେ ବିକଶିତ ହୋଇଥାଏ । ଏହି କାରଣରୁ ଜନ୍ମଦାତ୍ରୀ ମା' ପ୍ରକୃତିଙ୍କ ଅସୀମ ସତ୍ତାକୁ ଧରଣ କରି ବିଶ୍ୱଜନନୀ ହେବାର କ୍ଷମତା ରଖିଥିଲେ ମଧ୍ୟ ଧରିତ୍ରୀରେ ଯୋଗମାୟାଙ୍କ ଯୋଗାଙ୍ଗୀ ତତ୍ତ୍ୱ ଓ ମହାମାୟାଙ୍କ ମୋହିନୀ ତତ୍ତ୍ୱରେ ବନ୍ଦିନୀ ହୋଇ ସଂକୁଚିତ ହୋଇଯାଉଛି ଏବଂ କେବଳ ନିଜର ଗର୍ଭଜ ସନ୍ତାନପ୍ରତି ଏକାଙ୍ଗ ଭାବେ ମୋହାଚ୍ଛନ୍ନ ହୋଇ ମାତୃତ୍ୱର ବିଶାଳତାଠାରୁ ଅପହଞ୍ଚ ଦୂରତାକୁ ଚାଲିଯାଉଛି ।

୫. ତାଙ୍କରି (ଧରିତ୍ରୀ) କୋଳରେ ସୃଷ୍ଟି ହେଉଥିବା ପ୍ରକୃତିଜଗତ, ବୃକ୍ଷଲତା, ନଦନଦୀ ଓ ପାହାଡ଼ପର୍ବତ ଇତ୍ୟାଦିର ଚଳନକ୍ରିୟା, କ୍ରମବିକାଶ କେବଳ ତାଙ୍କରି (ଧରିତ୍ରୀ) ଇଚ୍ଛାନୁସାରେ ହିଁ ସମାହିତ ହେବ, ଏହି ବରର ଫଳପ୍ରାପ୍ତି ସ୍ୱରୂପ ଅବ୍ୟକ୍ତ ପ୍ରକୃତି ମଣ୍ଡଳରୁ ଧରିତ୍ରୀଙ୍କୁ **''କନଗ''** ମାୟା ପ୍ରାପ୍ତ ହୋଇଅଛି । ସେହି ଅନୁଯାୟୀ ସେ (ଧରିତ୍ରୀ) **''କନଗ''** ମାୟା ମାଧ୍ୟମରେ ଏ ବିଶ୍ୱ, ଏ ପୃଥିବୀ, ଏ ସୃଷ୍ଟିକୁ ପରିଚାଳନା କରୁଛନ୍ତି ।

୬. ସୃଷ୍ଟିର ସମସ୍ତ କଷଣ, ଯାତନା, ନିର୍ଯ୍ୟାତନା, ଯନ୍ତ୍ରଣା ବାହିନେବାର ଶକ୍ତି, ଉପରାଲୋଚିତ **"କନଗ"** ମାୟା ସହିତ ଏହି ପ୍ରଚଣ୍ଡ ଶକ୍ତି ଧରିତ୍ରୀଙ୍କୁ ପ୍ରଦାନ କରାଯାଇଛି । ସେଥିପାଇଁ ପ୍ରତି ପୂର୍ଣ୍ଣିମାରେ ସେ (ଧରିତ୍ରୀ)ମୋକ୍ଷ, ପବିତ୍ର ହେବାପାଇଁ ବ୍ରହ୍ମଦର୍ଶନ କରିଥା'ନ୍ତି ଏବଂ ସର୍ବଦା ଶୁଦ୍ଧ ଓ ପବିତ୍ର ହୋଇ ରହିଥାଆନ୍ତି । ତାଙ୍କ ଉପରେ ଚାଲିଥିବା ସମସ୍ତ ଅତ୍ୟାଚାରକୁ ସହନଶୀଳତାର ମହାନତାରେ ନିର୍ବିକାରଭାବରେ ସହିନେଉଛନ୍ତି ଏବଂ ବାହି ଚାଲିଛନ୍ତି ।

୭. ଯୁଗ ଲୀଳାର ଅନ୍ତିମ ମୁହୂର୍ତ୍ତ ଉପସ୍ଥିତ ହେଲେ ବିଶ୍ୱଭୂମି (ଧରିତ୍ରୀ)ରୁ ସମସ୍ତ ଅନାଚାର, ବ୍ୟଭିଚାର, କଳୁଷର ସ୍ଥାୟୀ ଦୂରୀକରଣ ଲଗ୍ନର ଭବିଷ୍ୟ ସୂଚନା ମା' ଧରିତ୍ରୀ ପ୍ରାପ୍ତ ହେବେ । ଉପଯୁକ୍ତ ଲଗ୍ନର ସାରଣୀ ଉପସ୍ଥିତ ହେଲେ, ତାଙ୍କ କୋଳରେ ଖେଳୁଥିବା ଅବ୍ୟକ୍ତରୁ ବ୍ୟକ୍ତ ହୋଇ ପୁରୁଷୋତ୍ତମଙ୍କୁ ଭବିଷ୍ୟବାଣୀ ଦେଇ **'ଅଭିଷେକ'** ପାଇଁ ସୂଚନା ଦେବେ । ଏହି ଅଭିଷେକ ପର୍ଯ୍ୟାୟକ୍ରମେ ଚାରିଗୋଟି ପର୍ଯ୍ୟାୟରେ ସମ୍ପୂର୍ଣ୍ଣ ହେବ । ପ୍ରଥମ ପର୍ଯ୍ୟାୟ ଅଭିଷେକରେ ସେ (ଧରିତ୍ରୀ) ପୁରୁଷୋତ୍ତମଙ୍କୁ ସୂକ୍ଷ୍ମରେ କୋଳରେ ଧାରଣ କରି ପୁତ୍ରର ସ୍ୱୀକୃତି ପ୍ରଦାନ କରିବେ । ତେଣୁ ବସ୍ତୁତଃ, **ଧରିତ୍ରୀ ମା'ରୂପରେ ଅବତୀର୍ଣ୍ଣ ହୋଇ ଅବ୍ୟକ୍ତରୁ ବ୍ୟକ୍ତ ପୁରୁଷଶ୍ରେଷ୍ଠଙ୍କୁ ପୁତ୍ର ହିସାବରେ ଅଭିଷେକ କରାଇବେ । ଏହି ଅଭିଷେକର ନାମ "ପୁତ୍ରାଭିଷେକ"** । ଯେଉଁ ପବିତ୍ର ତଥା ଦୁର୍ଲ୍ଲଭ ମହୋତ୍ସବ ଗତ ସନ ୨୦୦୦ମସିହାରେ ସମାହିତ ହୋଇଯାଇଛି ।

ଉକ୍ତ ମହୋତ୍ସବ ଦୀର୍ଘ ଦି୨୧ନ ବ୍ୟାପି ମହାସମାରୋହ ତଥା ବହ୍ୱାଡମ୍ବରରେ ପାଳିତ ହୋଇଥିଲା । ସେହି ଏକୋଇଶି ଦିନ ବ୍ୟାପି ଯଜ୍ଞାନୁଷ୍ଠାନ ଅନ୍ତର୍ଗତ ପୂଜନକ୍ରମରେ ପ୍ରତ୍ୟେକ ଦିବସରେ ଯଥାକ୍ରମେ - ୧ମ:- ଆଦି, ଅନାଦି ପୂଜନ, ୨ୟ :- ହିରଣ୍ୟପିଣ୍ଡ (ଶକଟକ) ପୂଜନ, ୩ୟ:- ପୁରୁଷପିଣ୍ଡ ପୂଜନ, ୪ର୍ଥ:-ପିତାମାତା ପୂଜନ, ୫ମ:-ନିଃଶବ୍ଦ ପୂଜନ, ୬ଷ୍ଠ :- ଶକଟକ ବ୍ରହ୍ମପୂଜନ, ୭ମ:- ନକ୍ଷତ୍ରପୂଜନ, ୮ମ:-ମାୟାପୂଜନ, ୯ମ:-ନାଦବ୍ରହ୍ମପୂଜନ, ୧୦ମ:-ଭୂତପୂଜନ, ୧୧ଶ:-ଦୀପଦାନପୂଜନ, ୧୨ଶ:-ଜ୍ଞାନ, ବିଜ୍ଞାନ

ପୂଜନ, ୧୩ଶ:-ଅକ୍ଷୟପିଣ୍ଡଦାନ ପୂଜନ, ୧୪ଶ:-ବ୍ରହ୍ମାଣ୍ଡତତ୍ତ୍ୱ ପୂଜନ, ୧୫ଶ:- ନାଭିଯଜ୍ଞ ପୂଜନ, ୧୬ଶ:- ଅଷ୍ଟାଦଶ ସୂତ୍ରୀକକ୍ଷ ପୂଜନ, ୧୭ଶ:- ଲୀଳାସୂତ୍ରକ ପୂଜନ ୧୮ଶ:-ଚାରିଚୈତନ୍ୟ ପୂଜନ, ୧୯ଶ:- ଚାରିପୁରୁଷ ପୂଜନ, ୨୦ଶ:- ତାରକବ୍ରହ୍ମମଣ୍ଡଳ ପୂଜନ, ଓ ୨୧ତି:- ବର୍ଣ୍ଣ ବୈରାଗ୍ୟମଣ୍ଡଳ ପୂଜନ ସମାପ୍ତ ହୋଇଯାଇଅଛି ।

ସୁତରାଂ 'ଚରମ' ଯଜ୍ଞ ଆରମ୍ଭ ପୂର୍ବରୁ ସେ (ଗୁରୁସ୍ୱାମୀ-କେଶବଚନ୍ଦ୍ର) ନିଜେ ନିଜର ସମସ୍ତ ସ୍ଥୂଳକର୍ମ/ପୂଜନ ଇତ୍ୟାଦି ସମାପ୍ତ କରି ବର୍ତ୍ତମାନ ଯୁଗନିର୍ଯ୍ୟାସ କାର୍ଯ୍ୟପାଇଁ କ୍ଷିପ୍ରଗତିରେ ଆଗେଇ ଚାଲିଛନ୍ତି । କିନ୍ତୁ, ଆମେ ମୂଢ଼ ମାନବ ତାଙ୍କ ଉପସ୍ଥିତିର ପ୍ରମାଣ ଅନୁସନ୍ଧାନ ଆମକୁ ବ୍ୟସ୍ତ ରଖିବାକୁ ଉଚିତ ମନେକରି ବନ୍ଧାକୋବିରୁ ପତ୍ର କାଢ଼ିକାଢ଼ି କୋବି ଖୋଜିବା ପରି ଏବଂ ଓଲି ପିଆଜର ଖୋଳପା ଛଡ଼ାଇ ଛଡ଼ାଇ ପିଆଜକୁ ଖୋଜିବାଭଳି ଅପଚେଷ୍ଟା କରିଚାଲିଛେ ।

ହେ ବ୍ରହ୍ମସ୍ୱରୂପ ସଦାତ୍ମାବୃନ୍ଦ ! ଉପରବର୍ଣ୍ଣିତ ନିଗୂଢ଼ ତତ୍ତ୍ୱ/ସତ୍ୟର ଆଲୋଚନା କରିବାପରେ ଆମେ ଆଶାରଖୁଛୁ ଯେ ଏବେ ଠାରୁ ଆଉ ତାଙ୍କର (ସ୍ୱୟମ୍ଭୁ/ଅବ୍ୟକ୍ତରୁ ବ୍ୟକ୍ତ) ମାଳିକା ନିର୍ଣ୍ଣିତ ପରିଚୟ ଅନ୍ୱେଷଣ କରିବାରେ ସମୟ ଅପଚୟ କରିବାର ଆବଶ୍ୟକତା ରହିବ ନାହିଁ ।

ଏହାପରେ ଯଜ୍ଞସ୍ଥାନ ନିରୂପଣ କରିବାର ମାଳିକା ପ୍ରମାଣ କଥା:- ଏ ସମ୍ପର୍କରେ ଆମେ ଆପଣମାନଙ୍କୁ ସନ ୧୯୯୮ ମସିହା ମାର୍ଚ୍ଚମାସ ୧୪ ତାରିଖ ଶନିବାର ଦିନର ଅଭୁଲା ସ୍ମୃତିକୁ ସ୍ମରଣ କରାଉଛୁ । ସେହିଦିନ କଟକଜିଲ୍ଲା ଅନ୍ତର୍ଗତ ବାରୁଣୀମଠ ତୋଟା (କେଳାପଡ଼ିଆ) ବେଗୁନିଆପଦା ଠାରେ ପ୍ରଭୁ ପରମେଶ୍ୱର "**ଚରମ ଯଜ୍ଞ**"ର ସଂକଳ୍ପ କରିଥିଲେ । ସେହି ମର୍ମରେ ପ୍ରକାଶିତ ସ୍ମରଣିକାରେ ସେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଥିଲେ, "**କେଉଁଦିନ କେଉଁଠାରେ ଏ ଯଜ୍ଞ ହେବ, ତାହା କେବଳ ଯଜ୍ଞକର୍ତ୍ତା ତ୍ରିଲୋକସ୍ୱାମୀଙ୍କୁ ହିଁ ଜଣା । ଅନ୍ୟକେହି ସେ ଦିବସ ସମ୍ପର୍କରେ ନିର୍ଦ୍ଦିଷ୍ଟ ଭାବରେ କହିପାରିବେ ନାହିଁ ।** ଗୁଣୀଜନ ଅର୍ଥାତ୍ ସିଦ୍ଧସାଧକ (ଯୋଗୀ)ମାନେ ସେମାନଙ୍କର ଧ୍ୟାନ (ସମାଧି)

ମାଧ୍ୟମରେ ଗୁଣି ଅର୍ଥାତ୍ ଆତ୍ମା–ପରମାତ୍ମା ମିଳନ କରାଇ ଯଦି ଚାହିଁବେ, ତେବେ ଯଜ୍ଞାରମ୍ଭ ଓ ପୂର୍ଣ୍ଣାହୁତି ଦିବସ ସମ୍ପର୍କରେ ଠାବ ପାଇବେ ବା ଜାଣିପାରିବେ । ଅନ୍ୟମାନଙ୍କ ପାଇଁ ଯଜ୍ଞ ନ ହେବାଯାଏ ଦିବସଟି ସମ୍ପୂର୍ଣ୍ଣ ଅଜଣା ରହିଯିବ ।''

ପୂର୍ବରୁ ଆଲୋଚନା କରିଛୁ, ଏ ଧରିତ୍ରୀ ତାଙ୍କୁ ପୁତ୍ରାଭିଷେକ କରାଇ ପୁତ୍ରରୂପେ ଗ୍ରହଣ କରି ସାରିଛନ୍ତି । ଏ ସମଗ୍ର ବିଶ୍ୱ ତାଙ୍କର ଲୀଳାକ୍ଷେତ୍ର । **ସେ ତାଙ୍କର ଇଚ୍ଛାନୁଯାୟୀ ଯେଉଁଠି, ଯେତେବେଳେ ଚାହିଁବେ, ଏ ଯଜ୍ଞ କରିପାରିବେ ।** ସେଥିପାଇଁ କୌଣସି ଭବିଷ୍ୟପୁରାଣ, ମାଳିକା ପ୍ରମାଣର ଆବଶ୍ୟକତା ଆଉ ନାହିଁ ।

ବର୍ତ୍ତମାନ ଆଜିର ବିଷୟବସ୍ତୁ ମଧ୍ୟକୁ ପ୍ରବେଶ କରିବା । ପରମପୁରୁଷ, ଅବ୍ୟକ୍ତରୁ ବ୍ୟକ୍ତ ନରତନୁଧାରୀ କଲ୍ୟାଣମୟ ବିରାଜମାନ କରିଥିବା ଚରମ ମଣ୍ଡପର ବାମପାର୍ଶ୍ୱରେ **''ମହାଦେବୀ ବିଷ୍ଣୁମାୟା''**ଙ୍କୁ ସିଂହାସନରୂଢ଼ା କରାଇ ପୂଜା ସମର୍ପଣ କରାଉଛନ୍ତି । ଏହାର କାରଣ ସୁସ୍ପଷ୍ଟ । ସୃଷ୍ଟିର ସକଳ ପ୍ରକୃତି, ପ୍ରବୃତ୍ତି, ନିବୃତ୍ତି, କାରଣ, କ୍ରିୟା, ସମ୍ମୋହନ, ବଶୀକରଣ, ଚଳନପ୍ରକ୍ରିୟା, ପରିଚାଳନାଗତ ନିଷ୍ପତ୍ତି, ସୁଗୁଣ, କୁଗୁଣ, ଦେବତ୍ୱ, ମାନବତ୍ୱ, ରାକ୍ଷସତତ୍ତ୍ୱ, ସତ୍ତ୍ୱ–ରଜ–ତମଗୁଣ ଇତ୍ୟାଦି ସମସ୍ତ ସଂଚାଳନ କ୍ରିୟାର କେନ୍ଦ୍ରବିନ୍ଦୁ ହେଉଛନ୍ତି ଏହି **''ବିଷ୍ଣୁମାୟା''** ଯିଏ କି ଅବ୍ୟକ୍ତ ରୂପିଣୀ ମହାଦେବୀ ଆଦ୍ୟାଶକ୍ତି **''ପ୍ରକୃତି ଦେବୀ''**ଙ୍କର ଏକ ଅଂଶ । ପୂର୍ବ (ତୃତୀୟଚରଣ) ସ୍ମରଣିକାରେ ବର୍ଣ୍ଣନା ଓ ଚିତ୍ରିତ କରାଯାଇଥିଲା ଯେ ଅବ୍ୟକ୍ତରୁ କିପରି ପୁରୁଷ ବ୍ୟକ୍ତ ହୋଇ ନରତନୁ ଧାରଣ କରିଛନ୍ତି, ଯାହାକି ଏଥିସହିତ ସଂଲଗ୍ନିତ ଚିତ୍ର ନଂ–୧ ଏବଂ ଚିତ୍ର ନଂ–୨ରେ ସ୍ପଷ୍ଟ ଉଲ୍ଲେଖ କରାଯାଇଅଛି । ଠିକ୍ ସେହି କ୍ରମରେ ଅବ୍ୟକ୍ତଙ୍କ ଇଚ୍ଛାମତେ ସୃଷ୍ଟି ନିର୍ମାଣ, ପାଳନ ଓ ସଂହାର କ୍ରିୟାକୁ ସାକାର ରୂପ ଦେବାପାଇଁ ''ଅବ୍ୟକ୍ତ ମଣ୍ଡଳ''ରୁ ''ପ୍ରକୃତି ମଣ୍ଡଳ'' ସୃଷ୍ଟି ହୋଇଗଲା । ଏଠାରେ ଆଦିମାତା ''ପ୍ରକୃତି'' ନିର୍ଗୁଣମୟୀ ହୋଇ ''ସତ୍–ଚିତ୍ ଆନନ୍ଦ''ର ପୂର୍ଣ୍ଣ ଆଧାରରେ

**''ହ୍ଲାଦିନୀ''** ନାମ ନେଇ ଅବ୍ୟକ୍ତ ଭାବରେ ରହିଗଲେ । ପର୍ଯ୍ୟାୟକ୍ରମେ ନିଜର ତ୍ରିଗୁଣାତ୍ମିକା ମାୟାଚନ୍ଦ୍ରିକା ବିସ୍ତାର କରି ଅବ୍ୟକ୍ତଙ୍କ ସୂକ୍ଷ୍ମ ଆଜ୍ଞାରେ **''ହିରଣ୍ୟଗର୍ଭ''** ନିର୍ମାଣ କଲେ । ଏହି ହିରଣ୍ୟଗର୍ଭରୁ ସମଗ୍ର ସୃଷ୍ଟି ଓ ସୃଷ୍ଟିର ପ୍ରତ୍ୟେକ ଜୀବଜନ୍ତୁ, ବୃକ୍ଷଲତା, କୀଟପତଙ୍ଗ ଆଦିଙ୍କର ସୂକ୍ଷ୍ମରେ ପିଣ୍ଡପୁରୁଷ କୁଣ୍ଡଳୀ ନିର୍ମିତ ହୋଇ ଜଗତ (ଜନନୀ-ଗର୍ଭ-ତତ୍ତ୍ୱ) ସୃଷ୍ଟି ହେଲା । ଆଦି ଓ ଆଦ୍ୟାଶକ୍ତିଙ୍କ ଇଚ୍ଛାରେ ହିରଣ୍ୟଗର୍ଭରୁ ଜୀବଜଗତ ଲୀଳା ସଂରଚନ ପାଇଁ ଧରାପୃଷ୍ଠକୁ ଆସୁଥିବାରୁ ସେ (ପ୍ରକୃତି) **''ଜଗତଜନନୀ''**, **'ମାଆ'**ର ସଂଜ୍ଞା ବହନ କଲେ । ଜନନୀଙ୍କର ଏହି ହିରଣ୍ୟଗର୍ଭରୁ ସମସ୍ତ ଜୀବଜଗତ ସୃଷ୍ଟିହୋଇ ସ୍ୱସ୍ୱ କାର୍ଯ୍ୟନିର୍ବାହ ପରେ ପୁନଶ୍ଚ ସେହି ହିରଣ୍ୟଗର୍ଭକୁ ପ୍ରତ୍ୟାବର୍ତ୍ତନ କରିବାକୁ ଲାଗିଲେ । ଏହା ଏକ ଚିରନ୍ତନ ପ୍ରଥା ହୋଇ ରହିଗଲା ଓ ରହିଥିବ ମଧ୍ୟ ।

ହିରଣ୍ୟଗର୍ଭର ସୃଷ୍ଟିପରେ, ପ୍ରକୃତିଦେବୀ ଅବ୍ୟକ୍ତଙ୍କ ସୂକ୍ଷ୍ମଇଚ୍ଛାରେ ବ୍ରହ୍ମଲୀଳାର ସୂକ୍ଷ୍ମ ଅଣୁଚନ୍ଦ୍ରିକା ଆଧାରକୁ ମାଧ୍ୟମ କରି ସପ୍ତଲୋକ ସୃଷ୍ଟିକଲେ । ଯଥା :-ଭୂଃଲୋକ, ଭୁବଃଲୋକ, ସ୍ୱଃଲୋକ, ମହଃଲୋକ, ଜନଃଲୋକ, ତପଃଲୋକ ଓ ସତ୍ୟମ୍ ଲୋକ । ଏହାପରେ ସଚରାଚର ବ୍ରହ୍ମାଣ୍ଡକୁ ସଂଚାଳନ କରିବାପାଇଁ ମାୟାବଳରେ ତିନୋଟି ଗୁଣସୂତ୍ର ଯଥା :- ସତ୍ତ୍ୱ, ରଜ ଓ ତମ ସୃଷ୍ଟିକରି ହିରଣ୍ୟଗର୍ଭରୁ ଭୂଃଲୋକ ପର୍ଯ୍ୟନ୍ତ ସମସ୍ତ ବ୍ରହ୍ମାଣ୍ଡକୁ ତନ୍ମଧ୍ୟରେ ଆବଦ୍ଧ କରିଦେଲେ । ଫଳରେ ହିରଣ୍ୟଗର୍ଭରୁ ବ୍ରହ୍ମଲୀଳାର ଅଂଶସ୍ୱରୂପ ଜୀବଜଗତ ସୃଷ୍ଟି ହୋଇ ''ହ୍ଲାଦିନୀ''ଙ୍କର ତ୍ରିଗୁଣାତ୍ମିକା ମାୟାର ପ୍ରଭାବରେ ସର୍ବୋତଭାବେ ତାଙ୍କର ଗୁଣାଧୀନ ହୋଇ ରହିଲେ ଏବଂ ଆଦ୍ୟାଜନନୀ ତାଙ୍କ ବିସ୍ତାରିତ ମାୟା ଫାଶରେ ସମଗ୍ର ସୃଷ୍ଟିକୁ ବନ୍ଧନ କରି ବ୍ରହ୍ମଲୀଳା ସଂରଚନା କାର୍ଯ୍ୟରେ ମଗ୍ନ ରହିଲେ । ତ୍ରିଗୁଣର ଗୁଣସୂତ୍ର ମାଧ୍ୟମରେ ନିଜେ ସୂକ୍ଷ୍ମରେ ଜୀବଶରୀରରେ ''ଶକ୍ତି'' ହୋଇ ଅବସ୍ଥାନ କଲେ ଏବଂ ଅବ୍ୟକ୍ତଙ୍କ ଇଚ୍ଛା କାର୍ଯ୍ୟକାରୀ କରାଇଲେ । ତେଣୁ ବାସ୍ତବରେ ଏହି ଜଗଦ୍ ସୃଷ୍ଟିକାରିଣୀ ଆଦ୍ୟାଶକ୍ତିଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପନାହିଁ, ଗୁଣନାହିଁ । ସେ ଅରୂପା, ଅଣାକାର, ନିରାକାର, ଗୁଣରହିତ ସୂକ୍ଷ୍ମ ମହାଶକ୍ତି । ଅବ୍ୟକ୍ତଙ୍କର ଇଚ୍ଛାଶକ୍ତି । ମାତ୍ର,

ସୃଷ୍ଟିର ଆବଶ୍ୟକତା ସମୟରେ, ଭକ୍ତଜନଙ୍କର ଆକୁଳ ନିବେଦନରେ ସେ ଗୁଣମୟୀ, ତ୍ରିଗୁଣାତ୍ମିକା ମାହେଶ୍ୱରୀ, ବହୁରୂପା ଓ ସର୍ବରୂପା ।

ବର୍ତ୍ତମାନ ସମ୍ପୂର୍ଣ୍ଣ ବୋଧଗମ୍ୟ ହୋଇଥିବ ଯେ, ଅବ୍ୟକ୍ତଙ୍କର ପ୍ରଥମ ସାକାର ରୂପ ହେଉଛି ''ପ୍ରକୃତିଦେବୀ'', ବ୍ରହ୍ମସ୍ୱରୂପିଣୀ ଆଦ୍ୟାଶକ୍ତି ''ହ୍ଲାଦିନୀ'' । ''ପ୍ରକୃତି'' ଅର୍ଥାତ୍ 'ପ୍ର'-'କୃ'-'ତି' – ଅର୍ଥ ଅବ୍ୟକ୍ତ ଇପ୍‌ସିତ ସୃଷ୍ଟିର ଯାବତୀୟ ବସ୍ତୁର ସମଷ୍ଟି, ନିସର୍ଗ, ସ୍ୱଭାବ, ଧାତୁ, ପଞ୍ଚଭୂତ, ଆଦ୍ୟାଶକ୍ତି, ଅବିଦ୍ୟା ବା ମାୟା, ନାରୀ, ପଞ୍ଚମହାଭୂତ, ପରମାତ୍ମା କେବଳ ସେହି ଅବ୍ୟକ୍ତ ଅଟନ୍ତି । ପୁରୁଷ ଭାବରେ ନିଜକୁ ନିଷ୍କ୍ରିୟ, ଅଣାକାର ରଖି ପ୍ରକୃତି ରୂପରେ ସାକାରତ୍ୱ ଧାରଣ କଲେ । ତେଣୁ ଅଣାକାର, ଅଦୃଶ୍ୟ, **ଅବ୍ୟକ୍ତଙ୍କ ପ୍ରଥମ ସାକାର ସ୍ୱରୂପ ହେଉଛନ୍ତି ଆଦ୍ୟାଶକ୍ତି ''ପ୍ରକୃତି''** । ଏ 'ପ୍ରକୃତି' ମଧ୍ୟ ଅବ୍ୟକ୍ତ । କିନ୍ତୁ ଅଣାକାରଙ୍କ ସୂକ୍ଷ୍ମ ଇଚ୍ଛା ବା ଆଜ୍ଞାକୁ କାର୍ଯ୍ୟକାରୀ କରି ଏବଂ କରାଇବାର ସମ୍ପୂର୍ଣ୍ଣ ଭାର ଗ୍ରହଣ କରିଛନ୍ତି । ସୁତରାଂ, ଉଭୟଙ୍କ ମଧ୍ୟରେ କେହି ଶ୍ରେଷ୍ଠ ବା ନ୍ୟୂନ ନୁହଁନ୍ତି । ଉଭୟେ ଏକ ଏବଂ ଅଭିନ୍ନ । ଆହୁରି ସରଳ ଭାବରେ କହିବାକୁ ଗଲେ **''ପୁରୁଷ ବା ଅଣାକାର''**ଙ୍କର କାର୍ଯ୍ୟକାରିଣୀ ଶକ୍ତିର ନାମ **''ପ୍ରକୃତି''** । ପୁରୁଷ ଏବଂ ପ୍ରକୃତି ଉଭୟଙ୍କ ମିଳନ ଅବସ୍ଥାର ନାମ **''ବ୍ରହ୍ମ''** ।

ପୁରୁଷଶ୍ରେଷ୍ଠଙ୍କର ଇଚ୍ଛାର ସାକାର ଅବସ୍ଥା ବ୍ରହ୍ମସ୍ୱରୂପିଣୀ ଆଦ୍ୟାଶକ୍ତି ଅବ୍ୟକ୍ତ ''ହ୍ଲାଦିନୀ''ଙ୍କର ଲୀଳା ସଂରଚନ ମାଧ୍ୟମର ପ୍ରଥମ ସ୍ୱରୂପ ହେଉଛି **''ମୋହିନୀ''** । ଏହି **'ମୋହିନୀ'** ଶବ୍ଦ ଉଚ୍ଚାରିତ ହେବାମାତ୍ରେ ମନୁଷ୍ୟ କଳ୍ପନା ଦୃଷ୍ଟିରେ ସ୍ୱତଃ ଏକ ନାରୀ ରୂପର ଛାୟା ଉଦ୍‌ଭାସିତ ହୋଇଯାଏ । ମାତ୍ର ତାହା ବାସ୍ତବ ନୁହେଁ । ଠିକ୍ ମା' ''ହ୍ଲାଦିନୀ''ଙ୍କ ପରି ''ମୋହିନୀ''ମଧ୍ୟ ଅବ୍ୟକ୍ତ । ଏହା ଏକ ଅଦୃଶ୍ୟ, ଶୂନ୍ୟ, ସୂକ୍ଷ୍ମ ମହାଶକ୍ତି । ଏହାଙ୍କ ମାଧ୍ୟମରେ ମହାଦେବୀ, ଅବ୍ୟକ୍ତବ୍ରହ୍ମଙ୍କ ଇଚ୍ଛାକୁ ତାଙ୍କ ସୂକ୍ଷ୍ମ ଆଶିଷ ରୂପରେ ସଚ୍ଚରାଚର ପ୍ରଦାନ କରିଥାଆନ୍ତି । ଏହାଙ୍କର କୌଣସି ନିର୍ଦ୍ଦିଷ୍ଟ ରୂପ ନଥିବା ହେତୁ ତାଙ୍କୁ ସ୍ଥୂଳ ଚକ୍ଷୁରେ ଦର୍ଶନ କରି ହୁଏନାହିଁ । କାରଣ ଏହା ଜନନୀଙ୍କ ମାୟାର

ସୂକ୍ଷ୍ମାତିସୂକ୍ଷ୍ମ ଅଣୁଚନ୍ଦ୍ରିକା । କିନ୍ତୁ ସୂକ୍ଷ୍ମ ଚକ୍ଷୁ, ଦିବ୍ୟ ଚେ୍ତନା ଓ ପୁରୁଷଙ୍କର ପୌରୁଷ ସତ୍ତା ଯଥା :- ବୁଦ୍ଧି, ବିବେକ ଓ ଜ୍ଞାନ ଦ୍ୱାରା ଅନୁଭବ କରିହୁଏ ଏବଂ ମାୟାର ସୂକ୍ଷ୍ମସ୍ତର ଭେଦକରି ସିଦ୍ଧାନ୍ତ ସତ୍ୟରେ ଉପନୀତ ହୋଇପାରେ । ଉଦାହରଣ ସ୍ୱରୂପ - ଅଗ୍ନି ପ୍ରଜ୍ୱଳିତ ହେଲେ ଅଗ୍ନିଶିଖା ଦେଖିହୁଏ । କିନ୍ତୁ ଅଗ୍ନିର ଦହନ ଶକ୍ତି କିମ୍ବା ଉତ୍ତାପ (ତେଜ) ଦେଖିହୁଏ ନାହିଁ । ତେଣୁ ହ୍ଲାଦିନୀଙ୍କର ମାୟାରୂପକ ଜଠରାଗ୍ନି ହେଉଛି ଜୀବମାନଙ୍କର କର୍ମପ୍ରବାହ । ସେହି ସ୍ଥୂଳକର୍ମ ଦେଖିହୁଏ । ମାତ୍ର, ଯେଉଁ ସୂକ୍ଷ୍ମ ଆଧାରରେ ସେହି ଅଗ୍ନି ପ୍ରଜ୍ୱଳିତ ହେଉଛି, ଜ୍ୱଳନ ସମୟରେ ଯେଉଁ ଉତ୍ତାପ ବା ତେଜ ସୃଷ୍ଟି ହୋଇଥାଏ, ତାହାକୁ ଦେଖିହୁଏ ନାହିଁ । ସୁତରାଂ, କର୍ମ ଅଗ୍ନିରେ ''ମୋହିନୀ'' ହେଉଛନ୍ତି ଉତ୍ତାପ ବା ତେଜ ଓ ଅଗ୍ନିଙ୍କର ଦହନ ଶକ୍ତି । ତାଙ୍କୁ କେବଳ ଅନୁଭବ କରିହେବ । ସ୍ଥଳ ବିଶେଷରେ ସାଧକ, ଭକ୍ତ ଯଦି ନିଜର ଅଖଣ୍ଡ ଅଭ୍ୟାସକର୍ମ, ନିଷ୍ଠା, ଏକାଗ୍ରତା, ଭକ୍ତି ଓ ଦୃଢ଼ତା ବଳରେ କୌଣସି ଏକ ନିର୍ଦ୍ଦିଷ୍ଟ ରୂପର ପରିକଳ୍ପନା କରି ଦର୍ଶନ ପାଇବାର ବ୍ୟାକୁଳତା ପ୍ରକାଶକରେ, ତେବେ ମହାଦେବୀ ତତ୍‌କ୍ଷଣାତ୍ ସାଧକର ସେହି ଇପ୍‌ସିତ ରୂପ ଧାରଣ କରି ତା' ସମ୍ମୁଖରେ ଅବତୀର୍ଣ୍ଣା ହୋଇଥାଆନ୍ତି ଏବଂ ସାଧକ ଭକ୍ତଙ୍କର ମନୋବାଞ୍ଛା ପୂର୍ଣ୍ଣ କରି ବର ପ୍ରଦାନ କରନ୍ତି । ଥରେ ଗୋଟିଏ ରୂପ ଗ୍ରହଣ କରି ଜିଜ୍ଞାସୁ ନିକଟରେ ଆବିର୍ଭାବ ହୋଇଯିବାପରେ ସେହିରୂପ ବ୍ରହ୍ମାଣ୍ଡରେ ସ୍ଥାୟୀ ହୋଇ ରହିଯାଏ ଏବଂ ଉତ୍ତର ସାଧକଭକ୍ତମାନେ ତନ୍ମଧ୍ୟରୁ ସେମାନଙ୍କ ରୁଚି ଓ ଶ୍ରଦ୍ଧା ଅନୁସାରେ ଯେକୌଣସି ରୂପ ପ୍ରତି ଆସକ୍ତ ହୋଇ କର୍ମଯୋଗ ମାଧ୍ୟମରେ ଦର୍ଶନ ଓ ଆଶୀର୍ବାଦ ପାଇଁ ବ୍ୟାକୁଳ ହୋଇ ଉଠନ୍ତି । ସେହି କ୍ରମ ତଥା ପର୍ଯ୍ୟାୟରେ ଜଗତ୍‌ଜନନୀ ଦୁର୍ଗା, ଗାୟତ୍ରୀ, ମହାଲକ୍ଷ୍ମୀ, ମହାସରସ୍ୱତୀ ଓ ମହାକାଳୀ ଆଦି ଭିନ୍ନ ଭିନ୍ନ ରୂପରେ ସ୍ୱୀକୃତ ହୋଇ ଜୀବଜଗତକୁ ପରିଚାଳନା, ଆଶୀର୍ବାଦଯୁକ୍ତ କରିଚାଲିଛନ୍ତି । ଏହାହିଁ "ପ୍ରକୃତି ତତ୍ତ୍ୱ"ର ସାରମର୍ମ ଅଟେ ।

ପୂର୍ବ ଆଲୋଚିତ ''ମୋହିନୀ''ଙ୍କର ଅନ୍ୟନାମ "ମାୟା" । ମାୟାର ରଜ୍ଜୁ ସର୍ବତ୍ର ପରିବ୍ୟାପ୍ତ । ସତ୍ୟଲୋକରୁ ଦେବଲୋକ, ଦେବଲୋକରୁ

ତପଲୋକ, ତପଲୋକରୁ ମର୍ତ୍ତ୍ୟଲୋକ, ମର୍ତ୍ତ୍ୟଲୋକରୁ ପାତାଳଲୋକ ପର୍ଯ୍ୟନ୍ତ ସଚରାଚର ବ୍ରହ୍ମାଣ୍ଡକୁ ବନ୍ଧନ କରିଅଛି । ଏହି 'ମାୟା' ପର୍ଯ୍ୟାୟକ୍ରମେ ଦୁଇ ଅଂଶରେ ବିଭାଜିତ ହୋଇଅଛି । ପ୍ରଥମ ପର୍ଯ୍ୟର ନାମ **"ବିଷ୍ଣୁମାୟା"** । ଉକ୍ତ ମହାଦେବୀ ବିଷ୍ଣୁମାୟା ପୁନଶ୍ଚ ତିନିଗୋଟି ଧାରାରେ ନିଜକୁ ପ୍ରସାରିତ କରିଛନ୍ତି । ପ୍ରଥମ ଧାରାରେ ଦେବଲୋକରେ କାୟାବିସ୍ତାର କରି ଦେବତାମାନଙ୍କୁ ନିୟନ୍ତ୍ରଣ ତଥା ପରିଚାଳନା କରୁଅଛନ୍ତି । ଦ୍ୱିତୀୟ ଧାରା ବା କାୟାକୁ ପୁନଶ୍ଚ ତିନିଗୋଟି ପର୍ଯ୍ୟାରେ ବିସ୍ତାର କରିଛନ୍ତି । ଏହି ତିନି କାୟାର ନାମ ୧- **ବୈଷ୍ଣବୀମାୟା, ୨ - ଯୋଗମାୟା ଓ ୩ - ମହାମାୟା** । ଉକ୍ତ ମାୟାଂଶର ମହାଦେବୀମାନେ ନିଜ ଇଚ୍ଛାମତେ ଅବ୍ୟକ୍ତଙ୍କ ଇଚ୍ଛାକୁ ପରିପୂର୍ଣ୍ଣ କରିବା ନିମିତ୍ତ ସମଗ୍ର ସୃଷ୍ଟିକୁ କବଳିତ କରି ମାୟା ଶିକୁଳିରେ ବନ୍ଧନ କରି ଦେଇଛନ୍ତି ।

ଜୀବର ଶରୀର(ପିଣ୍ଡ)ରେ ଥିବା ଜୀବକୋଷଗୁଡ଼ିକ ଉଭୟ ପ୍ରକୃତି (ମୋହିନୀ-ମାୟା) ଓ ପୁରୁଷଙ୍କ ଦ୍ୱାରା ସୂକ୍ଷ୍ମରେ ନିୟନ୍ତ୍ରିତ, ପରିଚାଳିତ ହେଉଛନ୍ତି । ତନ୍ମଧ୍ୟରୁ ବୁଦ୍ଧି, ବିବେକ, ଜ୍ଞାନକୋଷ ପୁରୁଷଙ୍କ କର୍ତ୍ତୃତ୍ୱାଧୀନ ହୋଇଥିବା ସ୍ଥଳେ ଅନ୍ୟ ସମସ୍ତକୋଷ ମହାଦେବୀ ବିଷ୍ଣୁମାୟା (ମୋହିନୀ-ପ୍ରକୃତିଦେବୀ)ଙ୍କ ଲୀଳା ଅନ୍ତର୍ଗତ ହୋଇଛନ୍ତି । ଶରୀରର ଶାରିରୀକ କ୍ରିୟା, ଆଚରଣ, ଉଚ୍ଚାରଣ, ମନର ନିୟନ୍ତ୍ରଣ (ସଂଯମ/ଅସଂଯମ ଅବସ୍ଥା) ଓ କାର୍ଯ୍ୟସାରଣୀରେ ସୃଷ୍ଟି ହେଉଥିବା ବିଭିନ୍ନତା, ମୋହିନୀ (ବିଷ୍ଣୁମାୟା)ଙ୍କର ଉପର ଆଲୋଚିତ ବିସ୍ତାରିତ ତ୍ରିମାୟା କାରଣରୁ ହିଁ ସଂଘଟିତ ହେଉଅଛି । ଜୀବର ଏହି 'ମାୟା' ସଂପର୍କରେ ବାସ୍ତବ ଅନୁଭବ ନଥିବା କାରଣରୁ ତା'ର ମନରେ ଅନେକ ଦ୍ୱନ୍ଦ୍ୱ, ସନ୍ଦେହ, ପ୍ରଶ୍ନ ତଥା ଭାବ ଚହଲା ପଥର ଉଦ୍ରେକ ହେଉଅଛି । ଯଦି ଶରୀରର ବିଭିନ୍ନ ଅଂଶରେ ଉକ୍ତ ମାୟା ପ୍ରଭାବ କିପରି ଭାବରେ ପ୍ରତିଫଳିତ ହେଉଛି ଜାଣି ହେଉଥାନ୍ତା ଏବଂ ସେହି ପ୍ରଭାବରୁ ମୁକ୍ତ ହେବାର କୌଶଳ ପ୍ରକାଶିତ ହୋଇଥାଆନ୍ତା, ତେବେ ଅମୃତର ସନ୍ତାନମାନଙ୍କ ମଧ୍ୟରେ ବିଷର ପ୍ରାବଲ୍ୟକୁ ପ୍ରତିରୋଧ କରାଯାଇପାରନ୍ତା । ମାତ୍ର, ସ୍ରଷ୍ଟାଙ୍କ

ଅପୂର୍ବ ଲୀଳା ସଂରଚିତ କୌଶଳରେ ତାହା ଆଜିପର୍ଯ୍ୟନ୍ତ ଅଜ୍ଞାତ ହୋଇ ରହିଯାଇଅଛି । ଉକ୍ତ ପ୍ରକ୍ରିୟା ମଧ୍ୟ ସେହି ମହାଦେବୀ ବିଷ୍ଣୁମାୟାଙ୍କ ପ୍ରଚଣ୍ଡ ମାୟାର ପ୍ରଭାବ କହିଲେ ଅତ୍ୟୁକ୍ତି ହେବନାହିଁ ।

ସେଥିପାଇଁ ଆଦ୍ୟାଶକ୍ତିଙ୍କର ତ୍ରିମାୟାର କେଉଁ ଅଂଶୀୟ ଭାବ ତତ୍ତ୍ୱ ଦ୍ୱାରା ଜୀବ ଶରୀରର କେଉଁ ଜୀବକୋଷ ପ୍ରଭାବିତ ହୋଇ କିପରି ତାହାର ସ୍ୱଭାବ, ପ୍ରକୃତି, ପ୍ରବୃତ୍ତି ଓ ନିବୃତ୍ତିକୁ ନିୟନ୍ତ୍ରଣ କରୁଅଛି, ତାହାର ବିସ୍ତୃତ ତଥା ବିଶଦ ଆଲୋଚ଼ନା ଅପରିହାର୍ଯ୍ୟ ହୋଇପଡ଼ିଛି । କିନ୍ତୁ ଉକ୍ତ କ୍ଷୁଦ୍ର ପତ୍ରିକା 'ସ୍ମରଣିକା' ମାଧ୍ୟମରେ ସମ୍ପୂର୍ଣ୍ଣ ଆଲୋଚ଼ନା ସମ୍ଭବପର ନୁହେଁ । କାରଣ ସମ୍ପୂର୍ଣ୍ଣ, ବିସ୍ତୃତ ବିଶ୍ଳେଷଣ କଲେ ତାହା ଏକ ମହାଗ୍ରନ୍ଥର ରୂପ ନେବ । ତେଣୁ ଯଥା ସମ୍ଭବ ସେଗୁଡ଼ିକୁ ଏଠାରେ ବର୍ଣ୍ଣନା କରାଯାଉଅଛି । ବିଶେଷକରି ଯେଉଁ ମୁଖ୍ୟାଂଶ ଜୀବକୁ ଏକ ଅବିଶ୍ୱାସ ବଳୟ ମଧ୍ୟରେ ଆବଦ୍ଧ କରି ଦେଉଛି, ସମସ୍ତ ସୁଗୁଣକୁ ପ୍ରତିହତ କରି କୁଗୁଣକୁ ଆଧାର କରି ଦେଉଛି, କେବଳ ସେତିକି ଉକ୍ତ ସ୍ମରଣିକାରେ ସୀମିତ ରଖିବାକୁ ବାଧ୍ୟ ହେଉଛୁ ।

ଆଲୋଚ଼ନା ଆରମ୍ଭ ପୂର୍ବରୁ ମାୟାର କାୟାଦ୍ୱାରା ଜୀବର ଗତିପଥ କିପରି ସ୍ଥିରୀକୃତ ହେଉଅଛି, ତାହାର ଏକ କ୍ଷୁଦ୍ର ବର୍ଣ୍ଣନା ନିମ୍ନରେ ଦେଉଅଛୁ । ତତ୍‌ସହିତ ମାୟାଙ୍କ କାୟାକଳ୍ପ ସମ୍ପର୍କୀତ ଦୁଇଗୋଟି ଚିତ୍ରକୁ ଚିତ୍ର ନଂ - ୩ ଓ ୪ ମାଧ୍ୟମରେ ଏଥିସହିତ ସଂଲଗ୍ନ କରୁଅଛୁ ।

ମାୟାରେ ଜନମ ମାୟାରେ ମରଣ
ମାୟାରେ ବିତୁଛି ଜୀବନ ।
ମାୟାକୁ ଚିହ୍ନିଲେ ଅନ୍ଧାର ତୁଟିବ
ଜୀବନ ହୋଇବ ଧନ୍ୟ ।।
ଯେଉଁମାୟା ବନ୍ଦୀ କରଇ ଚୈତନ୍ୟ
ସେହି ମାୟା ଦିଏ ଅମୃତ ।

ମାୟାବିନା ଜୀବ ଗତିପଥ କେବେ
ହୋଇପାରେ ନାହିଁ ସଂଯତ ।।
ଗୁରୁ ଆଶୀର୍ବାଦେ କୃପା ଯୁକ୍ତ ହେଲେ
ଭାରତୀ ଦିଅନ୍ତି ଜ୍ଞାନ ।
ସେହି ଜ୍ଞାନବଳେ ଅଚେ୍ତନ ଜୀବ
ପାଏ ଚରମ ଚୈତନ୍ୟ ।।

ଆଲୋଚ୍ୟ ସନ୍ଦର୍ଭରେ କୁହାଯାଇଛି ଯେ ଜୀବଜଗତ ମଧ୍ୟରେ ମହାଦେବୀ ବିଷ୍ଣୁମାୟା ତିନିଗୋଟି ମାୟା ବିସ୍ତାର କରାଇଛନ୍ତି । ଯଥା :- **ବୈଷ୍ଣବୀମାୟା, ଯୋଗମାୟା ଓ ମହାମାୟା** । ପ୍ରତ୍ୟେକ ମାୟା ୩୬ (ଛତିଶି) ଗୋଟି ଭାବାଂଶ ହୋଇ ''ମାୟା''ର ମୋଟ ୧୦୮ (ଏକଶତ ଆଠ) ଅଂଶ ସୃଷ୍ଟି ହୋଇଅଛି । ସେହି ଅଂଶୀୟ ଭାବମାୟା ଜୀବକୁ ସର୍ବୋତଭାବେ ନିୟନ୍ତ୍ରଣ କରୁଛନ୍ତି । ପୃଥକଭାବରେ ପ୍ରତି ''ମାୟା''ର ଭାବାଂଶ ନିମ୍ନରେ ବର୍ଣ୍ଣିତ ହେଉଅଛି ।

**ବୈଷ୍ଣବୀମାୟା : ଭାବାଂଶ – ୩୬ (ଛତିଶି)**

| | |
|---|---|
| ୧. ଆଭୂମା | ୯. ବ୍ରହ୍ମ''ର ବୁଆଁ'' |
| ୨. ଭୂମା | ୧୦. ଖେଡ଼ାକପାଳୀ |
| ୩. ଉତ୍ତୁଙ୍ଗ | ୧୧. ଖର୍ପରୀ |
| ୪. କୁକ୍କୁଞ୍ଜନା | ୧୨. ଧୌତିବାମ୍ପା |
| ୫. ଶକଟକ | ୧୩. ମୌନିମୁଖା |
| ୬. କୌମଦକୀ | ୧୪. ଅନୁଶୂଳା |
| ୭. ଘୃତାରୀ | ୧୫. ରତିକାନ୍ତ |
| ୮. ଭୂମାଯୋଗ୍ନୀ | ୧୬. ଲେଲିହା |

୧୭. ଖଗଳା
୧୮. ଘର୍ଘରାନାଦ
୧୯. "ଶଢ"ଶୌରୀ
୨୦. ଶଙ୍ଖଚୂର୍ଣ୍ଣା
୨୧. ଦଣ୍ଡପଦ୍ମା
୨୨. ଅନୁଧୂର୍ଣ୍ଣା
୨୩. ରୁଦ୍ରାକୃତା
୨୪. ମାନିନୀ
୨୫. ନାଦଦେହ୍ୟାୟା
୨୬. ଟମକାଧ୍ୱନି
୨୭. ଠାମ୍ବରୀ
୨୮. ରୁଦ୍ରାକାଣ୍ଡାରୀ
୨୯. ବନ୍ଧାମକ୍ଷିକା
୩୦. ବିନ୍ଦ୍ରାରୀ
୩୧. କନ୍ତୁକଲ୍ୟ
୩୨. ଗୌତୁଙ୍ଗତ
୩୩. ଖୁରାଭୁଧା
୩୪. ଗଣ୍ଡୁକ୍ରୟା ବା ଭୁରାକ୍ଷୀ
୩୫. ଭୁଣନ୍ଦ
୩୬. ଶୌପାଞ୍ଜଳି

## ଯୋଗମାୟା : ଭାବାଂଶ – ୩୬ (ଛତିଶି)

୧. ସିଞ୍ଚନା
୨. ଅବନିତ
୩. ଶୌରୀତ
୪. ଗୌତିକ
୫. କାନ୍ତାରୀ
୬. ସପତଣୀ
୭. ଉମାଭୂମା
୮. ଅବନିତା
୯. କାଣ୍ଡାରିକା
୧୦. ସ୍ୱସ୍ତିମାଳି
୧୧. ଭୋଜବୃନ୍ତା
୧୨. ଘୁମ୍ନାରୀକା
୧୩. ନୟନାଁତ
୧୪. ବ୍ରହ୍ମଚମ୍ବରୀ
୧୫. ଚେତୃକ
୧୬. ଶଂସାବୁରୀ
୧୭. କଣ୍ଠକନ୍ଦୁ
୧୮. ଝଙ୍କାରୀମୁଖା

୧୯. ହରାଦିକ
୨୦. ଉର୍ମାଳି
୨୧. ଯାମ୍ଭାଳି
୨୨. ହୁମ୍ଭାହେୟା
୨୩. ସ୍ୱାଗାୟିତ୍ରୀ
୨୪. ଚକ୍ରାକୃତି
୨୫. ହଚ୍ଛକାକ୍ଷ
୨୬. ଅଶ୍ୱଘୃହ୍ୟ
୨୭. ଔରମ୍ଭିକା
୨୮. ବ୍ରହ୍ମବଗଳା
୨୯. ନହୁସ୍ୱାରୀ
୩୦. ରିତୁଗୁର୍ଜ୍ଜରୀ
୩୧. ନେତ୍ରୁକ୍ରତୁ
୩୨. ଶ୍ରୀଧାରିକ୍ଷା
୩୩. ମତ୍ରୁହାଗ
୩୪. ଧୋଶୃରୀକ୍ଷ
୩୫. ଧୃଶାବର୍ବରୀ
୩୬. କୈଶନିକା

## ମହାମାୟା : ୩୬ (ଛତିଶି)

୧. ସ୍ୱ "ରଜ୍ଜୁ"
୨. ଶାଣିତ
୩. ଅର୍ଚ୍ଚନା
୪. ତପତୀ
୫. ଅରିତୃଙ୍ଗ
୬. ଆସୁରୀ
୭. ବାଁଶୋରୀ
୮. ଗଣନି
୯. ଡାକିନୀ
୧୦. ଭୃରୁଜା
୧୧. ଖଡୈୟୀ
୧୨. ଚମ୍ପରୀ
୧୩. ବଜ୍ରଦମନୀ ବା ଇନ୍ଦ୍ର ସୁଭାରୀ
୧୪. ତଡ୍ରୈୟା
୧୫. ରାମାଦିକ
୧୬. ଧୂର୍ମାଳି
୧୭. ଶୌକାନି
୧୮. ସୌରୀମହୀ
୧୯. ରୁଦ୍ରାପିନାକୀ
୨୦. କ୍ଷୌରବାବସ୍ତୀ

| | |
|---|---|
| ୨୧. ନାଦଗର୍ଦଣ | ୨୯. ଧୀଙ୍କାରୀକା |
| ୨୨. ଭୂମ୍ଭୋରି | ୩୦. ଫଣିଫଁୟା |
| ୨୩. ଧୃଭିତୃଷ୍ଣା | ୩୧. ନିର୍ଦ୍ଦେଶ୍ରବ |
| ୨୪. ପୁଷ୍କାରିକା | ୩୨. ତ୍ରୟତୌଶା |
| ୨୫. ମାନ୍ନମୟର୍ଣ୍ଣା | ୩୩. ଉନ୍ନର୍ମଦାଗୀହ |
| ୨୬. ବୈଖାରୀୟ | ୩୪. ଧୃଜୟନି |
| ୨୭. ଦାବାନଳ | ୩୫. ମୁକ୍ତାଦ୍ରୁରୀ |
| ୨୮. ଚୌକିକାଂସାରୀ | ୩୬. ସାର୍ବର୍ଣ୍ଣିଦ୍ରୁରା |

ଉପରବର୍ଣ୍ଣିତ ସମସ୍ତ ଭାବାଂଶକୁ ବିସ୍ତୃତ ଭାବେ ଏଠାରେ ଆଲୋଚନା କରିବା ଆଦୌ ସମ୍ଭବପର ନୁହେଁ । ତେଣୁ ତନ୍ମଧ୍ୟରୁ କେବଳ ମୁଖ୍ୟାଂଶଗୁଡ଼ିକ ବର୍ଣ୍ଣନା କରାଯାଉଛି, ଯେଉଁଗୁଡ଼ିକ ଜୀବର ଦୈନନ୍ଦିନ ଜୀବନଚର୍ଯ୍ୟାରେ ପ୍ରତିଫଳିତ ହେଉଅଛି ।

ଚିତ୍ ଶକ୍ତିର ଛାୟା ପ୍ରକୃତିରେ ଥିବା **ବହିରଙ୍ଗା ଶକ୍ତିମାୟା** ସମଗ୍ର ବ୍ରହ୍ମାଣ୍ଡରେ ପରିବ୍ୟାପ୍ତ । ମାୟାହିଁ ଜଗତର ସୃଷ୍ଟି, ସ୍ଥିତି ଓ ପ୍ରଳୟର ସାଧନକାରୀ ଶକ୍ତି, ମାୟାର ତତ୍ତ୍ୱ ମଧ୍ୟ ନିଗୂଢ଼ ଓ ନିଗମ । ଅନେକ ସମୟରେ ଉକ୍ତ ମାୟା ପ୍ରସଙ୍ଗ ମହାଜ୍ଞାନୀମାନଙ୍କୁ ମଧ୍ୟ ଦ୍ୱନ୍ଦ୍ୱ ଓ ସଂଶୟର ଗହ୍ୱର ମଧ୍ୟକୁ ନିକ୍ଷେପ କରିଥାଏ । ତା'ର ସମାଧାନ ନିମନ୍ତେ ନିମ୍ନରେ ସଂକ୍ଷେପ ଆକାରରେ ବର୍ଣ୍ଣନା କରୁଅଛୁ ।

ବୈଷ୍ଣବୀ (ବିଷ୍ଣୁ) ମାୟା ଅବ୍ୟକ୍ତଙ୍କ ଇଚ୍ଛାମତେ ମହାଶୂନ୍ୟରେ ବ୍ରହ୍ମଶକଟକର ୧୦୮ ମଣ୍ଡଳ ପର୍ଯ୍ୟନ୍ତ ତା'ର କାୟା ବିସ୍ତାରକରି ରହିଛି । ଏହାର ବର୍ଣ୍ଣ ନୀଳ, ଚକ୍ଷୁ ଗୋଲାକାର ତଥା ଲାଲବର୍ଣ୍ଣ । ଆପାଦଲମ୍ବିତ କଳାକୁଞ୍ଚିତ କେଶ । ଅବ୍ୟକ୍ତଙ୍କ ଇଚ୍ଛାରେ ଏହା ହିରଣ୍ୟଗର୍ଭକୁ ବ୍ୟାପକଭାବରେ

କରିରହିଅଛି । ଶ୍ରସ୍ଥଳି ଦ୍ୱାର ହେଉଛି ବୈଷ୍ଣବୀ । ଏହାଙ୍କର ମାୟା କୋଟି ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ବ୍ୟାପି ରହିଛି । ଉକ୍ତ ମହାଦେବୀ ଚଉଦଭୁବନ ପର୍ଯ୍ୟନ୍ତ ସୃଜନୀ, ସତ୍ୟ ଓ ମାୟାର ସ୍ୱରୂପନେଇ ନୀଳବର୍ଣ୍ଣ ଧାରଣ କରି ବିସ୍ତାରିତ ହୋଇଛନ୍ତି । ଏହା କାରଣ ଜଗତରୁ ଆଶିଷର ଧାରା ସୂକ୍ଷ୍ମରୁ ସ୍ଥୂଳ ପିଣ୍ଡ ପର୍ଯ୍ୟନ୍ତ ଦାନ କରାଇବାରେ ସହାୟକ ହୋଇଥାଏ । ଇଷ୍ଟଦେବାଦେବୀମାନଙ୍କର ପୂଜାର୍ଚ୍ଚନା ବିଧି ପଦ୍ଧତିର ଜ୍ଞାନଲୀଳା, ଉକ୍ତ ମାୟା ମାଧ୍ୟମରେ ଯାତାୟତ କରେ । ଏହାରି ପ୍ରଭାବରୁ ପୂଜକ, ଉପାସକ ତଥା ସେବକ ସଂକଳ୍ପବଦ୍ଧ ହୋଇଥାଏ । କଳ୍ପ ପର୍ଯ୍ୟାୟରେ ପ୍ରତିକଳ୍ପରେ ଉକ୍ତ ମାୟା ଶକଟକ ବ୍ରହ୍ମମଣ୍ଡଳରେ ନୀଳବର୍ଣ୍ଣର ବର୍ଷାଧାରା ପରି ବର୍ଷିଯାଏ । ଏହାଫଳରେ ବ୍ରହ୍ମଙ୍କ କରୁଣାରୁ ଏବଂ ମା' ମହାଦେବୀଙ୍କ କରୁଣାରୁ ଜ୍ଞାନତତ୍ତ୍ୱ ଓ ବ୍ରହ୍ମବିଜ୍ଞାନ ପରିପକ୍ୱ ଅବସ୍ଥା ପ୍ରାପ୍ତ ହୋଇଥାଏ । ଏହି ମାୟା ପ୍ରଭାବ ବିସ୍ତାର କରୁନଥିଲେ, ଜ୍ଞାନୀପୁତ୍ରମାନେ ପରିପକ୍ୱ ଜ୍ଞାନର ଅଧିକାରୀ ହୋଇପାରିବେ ନାହିଁ କିମ୍ବା ପୂଜକ, ଉପାସକ ତଥା ସେବକମାନେ ଦେବାଦେବୀ ପୂଜାର୍ଚ୍ଚନା ପାଇଁ ଦୃଢ଼ ସଂକଳ୍ପ କରିପାରିବେ ନାହିଁ । ଏହି ମହାଦେବୀ ବିଷ୍ଣୁମାୟା ମାଧ୍ୟମରେ ମହାଶୂନ୍ୟରେ ବ୍ରହ୍ମମହାବିଜ୍ଞାନ ସୃଷ୍ଟିକରି ଅବ୍ୟକ୍ତ ତାହାକୁ ଭାସମାନ ଅବସ୍ଥାରେ ରଖିଥାଆନ୍ତି । ମହାଶୂନ୍ୟର କାରଣଜଗତରେ ପରା, ବଧିଃ କାରଣଜଗତରେ ପଶ୍ୟନ୍ତି, ଦ୍ରଷ୍ଟା ସୂକ୍ଷ୍ମାଦି କାରଣଜଗତରେ ମଧ୍ୟମା ଓ ଓଧହିଁ କାରଣଜଗତରେ ବୈଖାରୀ ବ୍ରହ୍ମସୂତ୍ରାଦି ଜ୍ଞାନବିଜ୍ଞାନ ତତ୍ତ୍ୱ ରହିଅଛି । ଏହାର ଆକାର ଶଗଡ଼ଚକ ପରି ଗୋଲାକାର ଏବଂ ବର୍ଣ୍ଣ ଧୂସର ଅଟେ । ଏହା ବୈଷ୍ଣବୀ ମାୟାଙ୍କ କପାଳରେ ଥାଏ । ବ୍ରହ୍ମଙ୍କ ଆଦେଶ, ଆଜ୍ଞା ପ୍ରାପ୍ତ ମହାମାନବ, ମୁନି, ଋଷି, ଯୋଗୀମାନେ ଏହା ଅନୁଭବ କରି ଅନୁଭୂତିରେ ଆଣିବାରେ ସକ୍ଷମ ହୋଇଥାନ୍ତି । ଏଥିପାଇଁ ମହାଦେବୀ ବିଷ୍ଣୁମାୟାଙ୍କ ଆଶୀର୍ବାଦ ଅପରିହାର୍ଯ୍ୟ ଅଟେ । ସାଧାରଣ ମାନବମାନେ ଏହି ପରା, ପଶ୍ୟତି, ମଧ୍ୟମା, ବୈଖାରୀ ବ୍ରହ୍ମସୂତ୍ରାଦି ଜ୍ଞାନବିଜ୍ଞାନ

ତତ୍ତ୍ୱ ଠୁଳ ଭାବରେ ପ୍ରାପ୍ତ/ଲାଭ କରିପାରନ୍ତି ନାହିଁ । ସେହି ସାଧାରଣ ମାନବମାନଙ୍କ ହୃଦୟରେ ଦିବ୍ୟଜ୍ଞାନ ପ୍ରକାଶ କରିବାପାଇଁ ବ୍ରହ୍ମ, କୃପାଙ୍କ ମାଧ୍ୟମରେ ବୈଷ୍ଣବୀଙ୍କୁ ଆଦେଶ ଦିଅନ୍ତି । ପାଞ୍ଚକଳ୍ପ ଭୋଗ ସାରିବାପରେ ବୈଷ୍ଣବୀ ମହାବିଜ୍ଞାନ ବ୍ରହ୍ମତତ୍ତ୍ୱକୁ ବ୍ରହ୍ମଙ୍କ ଇଚ୍ଛାମତେ କ୍ଷୁଦ୍ର କ୍ଷୁଦ୍ର ଜ୍ଞାନ ମଣ୍ଡଳରେ ବିଭକ୍ତ କରିଦିଅନ୍ତି । ଏହାଙ୍କ ପ୍ରଭାବଶାଳୀ କ୍ରିୟାରୁ ବିଭିନ୍ନ ସୂତ୍ରାଦୀୟ କ୍ଷୁଦ୍ରଜ୍ଞାନ ଖଣ୍ଡରେ ପରିଣତ ହେବାପରେ ତାହା 'ସୌର ବିଜ୍ଞାନ' ତନ୍ତ୍ରରେ ପରିଣତ ହୁଏ । 'ସୌର ବିଜ୍ଞାନ' ତନ୍ତ୍ରରେ ପରିଣତ ଖଣ୍ଡିତ ଜ୍ଞାନ ସୂର୍ଯ୍ୟାଲୋକ ସହିତ ଜ୍ଞାନସ୍ୱରୂପ ଧରାପୃଷ୍ଠକୁ ଅବତରଣ କରିଥାଏ । ଏହାପରେ ଏହି ଜ୍ଞାନକୁ ସର୍ବସାଧାରଣ ଲାଭ କରିପାରନ୍ତି ।

ଧରାଧାମରେ ପରିଲକ୍ଷିତ ହୁଏ ଯେ ପଶୁପକ୍ଷୀ, କୀଟପତଙ୍ଗ, ସରୀସୃପ ଏପରିକି ମନୁଷ୍ୟମାନେ ଜୀବନଚର୍ଯ୍ୟା ଚଳଣି ନିମନ୍ତେ କେତେକ ଜ୍ଞାନ ଆବଶ୍ୟକ କରନ୍ତି । ଏହି ଜ୍ଞାନ ତାଙ୍କୁ କୌଣସି ଗୁରୁ ବା ଶିକ୍ଷକ ଶିକ୍ଷା ଦେଇ ନଥା'ନ୍ତି । ତଥାପି ପର୍ଯ୍ୟାୟକ୍ରମେ ସେମାନେ ସେହିଜ୍ଞାନ ସ୍ୱତଃ ଲାଭ କରିଥାଆନ୍ତି । ଏହି କାର୍ଯ୍ୟ ମହାଦେବୀ ବିଷ୍ଣୁମାୟାଙ୍କ କଲ୍ୟାଣରେ ହିଁ ସମ୍ଭବପର ହୋଇଥାଏ । ତାଙ୍କରି କଲ୍ୟାଣରୁ ଧରାଧାମରେ ଜୀବ ନିଜନିଜର ପ୍ରକୃତିଗତ ଶୃଙ୍ଖଳା ରକ୍ଷାକରି ସୃଷ୍ଟିକୁ ଶୃଙ୍ଖଳିତ କରିପାରିଛନ୍ତି ।

ପ୍ରାଣୀଜଗତକୁ ପର୍ଯ୍ୟବେକ୍ଷଣ କଲେ ଦେଖାଯାଏ ଯେ, ସଦ୍ୟଜାତ ଶିଶୁ ମାତୃସ୍ତନ ପାନ କରିବାର ଶୈଳୀ ସ୍ୱତଃ ଶିକ୍ଷା କରିଥାଏ । ଏହା କେବଳ ମାନବ ଶିଶୁ ପକ୍ଷରେ ନୁହେଁ, ପଶୁ ଶାବକମାନେ ମଧ୍ୟ ଏହି କ୍ରିୟାରେ ସକ୍ଷମ ଅଟନ୍ତି । ଖାଦ୍ୟ, ଅଖାଦ୍ୟ ବାରିବାର ଜ୍ଞାନ ମଧ୍ୟ ପଶୁଶାବକମାନେ ଶୈଶବରୁ ସ୍ୱତଃ ଶିକ୍ଷା କରିଥାଆନ୍ତି । ଗୋଟିଏ ବ୍ୟାଘ୍ର ଶାବକକୁ ନଡ଼ା ବା ଘାସ ଦେଲେ ସେ କଦାପି ଭକ୍ଷଣ କରେନାହିଁ । ସେହିପରି ଛାଗଶିଶୁ ଓ ଗାଭିଶିଶୁକୁ ମାଂସ ଖଣ୍ଡେ ଦେଲେ ସେ ଗ୍ରହଣ କରେ ନାହିଁ । ଏହି ସମସ୍ତ କ୍ରିୟା ସ୍ୱୟଂଚାଳିତ

ହୋଇ ବିଷ୍ଣୁମାୟା ପ୍ରଭାବରୁ ସଂଚାଳିତ ହୋଇ ଚାଲିଅଛି । ଚାଲିଥିବ । କିନ୍ତୁ ଯେତେବେଳେ ସୃଷ୍ଟିଦତ୍ତ ପ୍ରକୃତିରେ ବିକୃତି ଆସେ, ସେତେବେଳେ ହିଁ ସମସ୍ତ ଅସୁବିଧା ଓ ସମସ୍ୟା ସୃଷ୍ଟି ହୋଇଯାଏ ।

ମାନବ ସମାଜରେ ମଧ୍ୟ ଉକ୍ତ ମହାଦେବୀଙ୍କ ମହତ୍ ଇଚ୍ଛା ତଥା ଅପାର କରୁଣାରୁ ଯୌବନ ଉପସ୍ଥିତ ହେବାପୂର୍ବରୁ ତତ୍ ସମ୍ପର୍କିତ ଜ୍ଞାନ ସ୍ୱତଃ କିଶୋର, କିଶୋରୀ, ଯୁବକଯୁବତୀମାନେ ଆହରଣ କରିପାରନ୍ତି । ଏହା ତାଙ୍କୁ କେହି ଶିକ୍ଷା ଦେଇ ନଥାନ୍ତି । ସୌର ବିଜ୍ଞାନ ତନ୍ତ୍ରରେ ପରିଣତ ଖଣ୍ଡିତ ଜ୍ଞାନ ଧରାପୃଷ୍ଠକୁ ଖସିବା ଫଳରେ ଧରାଧାମରେ ଜଣେ ବ୍ୟକ୍ତି ଅନ୍ତତଃ ଗୋଟିଏ ଜ୍ଞାନରେ ସମ୍ୟକ୍ ଦକ୍ଷତା ଅର୍ଜନ କରିବାରେ ସମ୍ଭବ ହୋଇପାରୁଛି । କୃଷକ କୃଷି କାର୍ଯ୍ୟରେ, ବଢ଼େଇ ନିର୍ମାଣ କାର୍ଯ୍ୟରେ ଓ ଏହିପରି ଅନେକ ଦୃଷ୍ଟାନ୍ତ ସର୍ବଦା ବିଦ୍ୟମାନ ହୋଇ ରହିଅଛି । ଏହାହିଁ ମହାଦେବୀ ବିଷ୍ଣୁମାୟାଙ୍କ ସ୍ୱୟଂସିଦ୍ଧ କରୁଣାର ପ୍ରତିବିମ୍ବ ।

ନିଗୂଢ଼ ରହସ୍ୟାବୃତ୍ତ ସୃଷ୍ଟି, ପ୍ରକୃତି ଓ ଏହାର ମହାନାୟକ ସ୍ୱୟଂ ସ୍ରଷ୍ଟାପୁରୁଷ **ବ୍ରହ୍ମ** । ଏହାଠାରୁ ଅଧିକ ରହସ୍ୟାଚ୍ଛନ୍ନ ତାଙ୍କର କର୍ମସାରଣୀ । **ନିଗମତତ୍ତ୍ୱ ସମ୍ବଳିତ ଏହି ପ୍ରକୃତି ଓ ମାୟା ତତ୍ତ୍ୱପୁରୁଷ ଅବ୍ୟକ୍ତଙ୍କ ସମତୁଲ୍ୟ ସୂକ୍ଷ୍ମସତ୍ତା** । ସ୍ଥୂଳତଃ ଏହାର କାର୍ଯ୍ୟଫଳ ଦୃଶ୍ୟମାନ ସତ୍ୟ, ମାତ୍ର ଏହାର ପ୍ରକୃତ କାର୍ଯ୍ୟ ସୂକ୍ଷ୍ମରେ ସଂଘଟିତ ହେଉଥିବାରୁ ଜାଗତିକ ବୁଦ୍ଧି ବା ଜ୍ଞାନ ବଳରେ ଏହା ଭେଦ କରିବା ସମ୍ଭବପର ହେଉନାହିଁ । ଏହା ମଧ୍ୟ ତାଙ୍କର ମହତ୍ ଇଚ୍ଛା ବ୍ୟତୀତ ଅନ୍ୟ କିଛି ହୋଇ ନପାରେ । ସୃଷ୍ଟି ସର୍ଜନା କରି ସୃଷ୍ଟି ଆଢୁଆଳରେ ଲୁଚିଛପି ସେ ରହିଯାଇଛନ୍ତି । ପ୍ରତିକ୍ଷଣରେ ଏହି ସୃଷ୍ଟିରେ ଖେଳୁଛନ୍ତି ଓ ଜୀବଜଗତକୁ ଖେଳାଉଛନ୍ତି । ଏହି ଖେଳର ମାଧ୍ୟମ ହିଁ ମହାଶକ୍ତି **'ମାୟା'** **(ବିଷ୍ଣୁ/ବୈଷ୍ଣବୀ/ଯୋଗ/ମହାମାୟା)** ।

ମାୟାଦେବୀ ମଣ୍ଡଳ ବିଭାଗୀୟ ଅଟନ୍ତି । ପର୍ଯ୍ୟାୟକ୍ରମରେ ଏହା ବିଶାଳ ଆକୃତିର ହରିଦ୍ରା ରଶ୍ମିଦ୍ୱାରା ନିଜର ସ୍ଥିତି ବଜାୟ ରଖନ୍ତି । ଯେଉଁ ମୁହୂର୍ତ୍ତରେ ପ୍ରକୃତିଦେବୀଙ୍କ ସହିତ ମାୟାଦେବୀଙ୍କର ଭେଟ ହୁଏ, ସେହି ଦର୍ଶନ ତତ୍ତ୍ୱର ମାୟାଦେବୀ ବ୍ରହ୍ମସ୍ୱରୂପା ହୋଇ ଦେଖା ଦିଅନ୍ତି । ଭାବ, ଜ୍ଞାନ, ଭକ୍ତି ତଥା ଚୈତନ୍ୟାଦି ଯାହାସବୁ ତାଙ୍କ ଦ୍ୱାରା ପ୍ରଦତ୍ତ ହୁଏ, ଭକ୍ତ ତାହାହିଁ ଗ୍ରହଣ କରିଥାଆନ୍ତି ।

ପ୍ରତ୍ୟେକ ଦେବୀ ତାଙ୍କର ସହଚରୀମାନଙ୍କୁ ଧରି ନୀଳ, ଗୈରିକ, ହରିଦ୍ରା, ଶ୍ୟାମଳାଦି ବର୍ଣ୍ଣରେ ଶକ୍ତିର ଅଧିକାରିଣୀ ହୋଇ ମହାଶୂନ୍ୟରେ ଭାସମାନ ଅବସ୍ଥାରେ ଥାଆନ୍ତି । ବୈଷ୍ଣବୀ (ବିଷ୍ଣୁମାୟା)ଙ୍କ ଏକ ପ୍ରତ୍ୟଂଶ କୁକୁଞ୍ଜନା ମାୟାର ଶକ୍ତିର ନାମ **କୁକ୍ଷୁଝ୍ୟ ଶକ୍ତି** । ଏହା ଦେଖିବାକୁ ରକ୍ତବର୍ଣ୍ଣ (ଲାଲ) ସୂର୍ଯ୍ୟଭଳି ହୋଇଥାଏ । ଏହି କୁକ୍ଷୁଝ୍ୟ ଶକ୍ତି ମଧ୍ୟରେ ଦେବୀମାନେ ଶକ୍ତିର ଅଧିକାର ନେଇ ଗୋପନରେ ରହିଥାଆନ୍ତି । ଏହି ଅବସ୍ଥାରେ 'କୁକୁଞ୍ଜନା' ନିଜର ସୀମା ଓ କର୍ମ ପରିସର ମଧ୍ୟରେ ଗୁପ୍ତରେ ରହି ବ୍ରହ୍ମାଣ୍ଡର ମାୟାକୁ ନିଜ ଦୃଷ୍ଟି ପଥରେ ଆଣିଥାଆନ୍ତି । ଏହି କାର୍ଯ୍ୟରେ ବ୍ୟତିକ୍ରମ ହେଲେ ବ୍ରହ୍ମ ନିଜେ ଇଚ୍ଛାକରି ମାୟାକୁ ଦୂରେଇ ଦିଅନ୍ତି । ମାୟା ଦୂରହେବାପରେ ସ୍ୱୟଂ ବ୍ରହ୍ମ ଆପେ କର୍ତ୍ତୃତ୍ୱ ଜାହିର କରନ୍ତି । ଏହାହିଁ ହେଉଛି ମାୟା-ପ୍ରକୃତିଙ୍କୁ ବ୍ରହ୍ମଙ୍କର ଦଣ୍ଡାଦେଶ । ଯେଉଁଦିନ ମାୟା ଧାରଣ କରିଥିବା ବର୍ଣ୍ଣର ବଳୟ ଉପରେ ୪୨(ବୟାଳିଶି) ଗୋଟି ଲାଲ ଆଲୋକ ରେଖା ଅଙ୍କିତ ହେବ, ସେହିଦିନ 'ମାୟା' ଦଣ୍ଡାଦେଶରୁ ମୁକ୍ତ ହୋଇ ପୁନଶ୍ଚ ପୂର୍ବବତ୍ କାର୍ଯ୍ୟକ୍ଷମ ହୁଅନ୍ତି ।

ମର୍ତ୍ତ୍ୟଧାମରେ ଯେଉଁ ସାଧକ ସିଦ୍ଧିଲାଭ କରିବାପରେ ଦର୍ଶନ ଲାଭ କରନ୍ତି, ସେହି ସମୟରେ 'କୁକୁଞ୍ଜନା' ମାୟାର ୨୦୩୨ (ଦୁଇହଜାର ବତ୍ରିଶି)ଟି ଧବଳବର୍ଣ୍ଣର ଗୋଲାକାର ଆକୃତି ବିଶିଷ୍ଟ ସ୍ଫଟିକ ସ୍ୱଚ୍ଛଜ୍ୟୋତିଃ ପିଣ୍ଡ ଦେବୀଶକ୍ତିଙ୍କ ଚତୁଃପାର୍ଶ୍ୱରେ ଘୂରିବୁଲନ୍ତି । ଉକ୍ତ ଘୂର୍ଣ୍ଣନ ଅବସ୍ଥାରେ ଯଦି ସାଧକର ଜ୍ଞାନପ୍ରାପ୍ତ

ହୁଏ, ତେବେ ଦେବୀଶକ୍ତିଙ୍କ ଜ୍ୟୋତିର୍ମୟ ରୂପ ମଧ୍ୟରେ ସବୁଜ ବର୍ଣ୍ଣର ରଶ୍ମିରେଖା ଦେଖାଯିବ । ସାଧକ ଅନୁଭବ କରିବ ଯେ, ତାହାର ପ୍ରକୃତ ଜ୍ଞାନପ୍ରାପ୍ତି ହେଲା । ଏହି ଅବସ୍ଥାକୁ **ମା' କୃପାଙ୍କ ଆଶିଷ ପ୍ରଦାନ କୁହାଯାଏ** । ଉକ୍ତ ଦୁର୍ଲ୍ଲଭ ଅବସ୍ଥା ମଧ୍ୟ ମହାଦେବୀ ''**ବିଷ୍ଣୁମାୟା**''ଙ୍କ ବିନା ଆଶୀର୍ବାଦରେ ଅସମ୍ଭବ ହୋଇଥାଏ ।

ଏହିପରି ଅସରନ୍ତି କ୍ରିୟା ପ୍ରଭାବଯୁକ୍ତ ମା' ବିଷ୍ଣୁମାୟାଙ୍କ ବହୁରୂପ, ଅଶେଷ ମାୟା, ଅସୁମାରୀ ତତ୍ତ୍ୱ ବିସ୍ତାରିତ ଭାବେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ତେଣୁ ବର୍ତ୍ତମାନ ସେହି ମହାଦେବୀଙ୍କ ସଂକଳ୍ପ ଓ ବିକଳ୍ପ କ୍ରିୟାକୁ କିଛିମାତ୍ରାରେ ବର୍ଣ୍ଣନା କରି ବିଷୟକୁ ସମାପ୍ତ କରିବାକୁ ଉଚିତ ମନେ କରୁଅଛୁ ।

ବିଷ୍ଣୁ (ବୈଷ୍ଣବୀ) ମାୟାଙ୍କ ଏକ ଅଂଶ ଶକଟକ ମାୟା ତାଙ୍କର ମାୟାରଶ୍ମି ସାହାଯ୍ୟରେ ମର୍ତ୍ତ୍ୟଭୂମିକୁ ଆବୃତ୍ତ କରି ରଖିଛନ୍ତି । ପ୍ରଥମ ପର୍ଯ୍ୟାୟରେ ବୃକ୍ଷ,ଲତା, ଉଦ୍ଭିଦମାନଙ୍କୁ ଆଲୋଚନା ପରିସର ମଧ୍ୟରୁ ନିଆଯାଉ । ଉଦ୍ଭିଦ ଜୀବଦାନ ପାଇବାକ୍ଷଣି ଅଙ୍କୁରୋଦ୍‌ଗମ ସମୟରେ ଏହି ମାୟାଂଶ ଧୂସର ବର୍ଣ୍ଣ ଧାରଣ କରି ମୂଳରେ ଅବସ୍ଥାନ କରେ । ଫଳରେ ସ୍ୱୟଂଚାଳିତ ପ୍ରକ୍ରିୟାରେ ବୃକ୍ଷ,ଲତା ବର୍ଦ୍ଧିତ ହୋଇଚାଲେ । ଆଲୋକଚିତ୍ର ପରି ସୂକ୍ଷ୍ମଅବସ୍ଥା ପ୍ରାପ୍ତ ହୋଇ ଏହି ମାୟାଂଶ ଉଦ୍ଭିଦମାନଙ୍କ ମୂଳରେ ରହିଥିବାରୁ, ସେମାନଙ୍କୁ ଦେଖିବାମାତ୍ରେ ମନୁଷ୍ୟମାନଙ୍କ ଶରୀରରେ ଥିବା ଉକ୍ତ ମାୟାର ସୂକ୍ଷ୍ମାଂଶ ସହ ମିଳିତ ହୋଇଯାଏ । ଫଳରେ ମନୁଷ୍ୟ ମନରେ ଉଦ୍ଭିଦ ପ୍ରତି ସ୍ୱତଃ ଶ୍ରଦ୍ଧା ଜାତ ହୋଇଯାଏ ।

ଦ୍ୱିତୀୟ ପର୍ଯ୍ୟାୟରେ ଆଲୋଚ୍ୟ ପ୍ରାଣୀ ଜଗତ । ଉଦ୍ଭିଦମାନଙ୍କ ପରି ଉକ୍ତ ମାୟାଂଶର ରଶ୍ମିପୁଞ୍ଜ ଧୂସର ବର୍ଣ୍ଣ ଧାରଣ କରି ଜଳଚର, ସ୍ଥଳଚର ଓ ସରୀସୃପ ପ୍ରାଣୀମାନଙ୍କ ଶରୀରରେ ପ୍ରବେଶ କରେ । ଏହାରି ପ୍ରଭାବରେ ସେମାନେ ସ୍ୱୟଂଚାଳିତ କ୍ରିୟାରେ ଏକତାବଦ୍ଧ ହୁଅନ୍ତି ଏବଂ ସେମାନଙ୍କ ମଧ୍ୟରେ ପରସ୍ପର ପ୍ରତି ସ୍ନେହ, ମମତା, ସହାନୁଭୂତି ସୂକ୍ଷ୍ମସ୍ତରୀୟ ଅବସ୍ଥା ନେଇ ଜମାଟ ବାନ୍ଧି ରହେ ।

ତୃତୀୟ ପର୍ଯ୍ୟାୟରେ ଆଲୋଚନା କରିବା, ଉପରୋକ୍ତ ପ୍ରତ୍ୟେକ ବିଭାଗ ମଧ୍ୟରେ ସମନ୍ୱୟତା ସମ୍ପର୍କରେ । ଦେବତାମାନେ ଏହି ମାୟାର ପ୍ରଭାବରେ ନିଜ ନିଜ ମଧ୍ୟରେ ସ୍ନେହବନ୍ଧନରେ ଆବଦ୍ଧ ହେବା ସଙ୍ଗେ ସଙ୍ଗେ ମର୍ତ୍ତ୍ୟଭୂମିର ସମସ୍ତ ସୃଷ୍ଟି ପ୍ରତି ସମପରିମାଣ, ସମଭାବରେ ସ୍ନେହଶୀଳ ହୋଇଥାଆନ୍ତି । ବୃକ୍ଷ, ଲତା, ଉଦ୍ଭିଦ, ଗୁଳ୍ମରାଜି, ନଦ, ନଦୀ, ହ୍ରଦ, ପର୍ବତ, ପାହାଡ଼, ପ୍ରାଣୀଜଗତ ଏମାନେ ପ୍ରତ୍ୟେକ ସ୍ନେହ, ସହାନୁଭୂତିର ଆଧାର ହୋଇଥିଲେ ମଧ୍ୟ ଜ୍ଞାନ, ବିବେକ, ବାକ୍‌ଶକ୍ତିଧାରୀ ମନୁଷ୍ୟ ଦ୍ୱାରା ଆଦର, ଯତ୍ନ, ସ୍ନେହ ପାଉଛନ୍ତି । ଏହାହିଁ ଅଦ୍ଭୁତ ମହାଶକ୍ତି ବିଷ୍ଣୁମାୟାଙ୍କ ଚମତ୍କାରିତା ନୁହେଁ ତ ଆଉ କ'ଣ ହୋଇପାରେ ?

ସେହି ମହାଶକ୍ତି 'ବିଷ୍ଣୁମାୟା' ଜୀବକୁ ଲାଳନପାଳନ କରିବା ଅବସ୍ଥାରେ ଯେତିକି ପରିମାଣରେ ସଦ୍‌ବୁଦ୍ଧି, ଜ୍ଞାନବିଜ୍ଞାନ ତତ୍ତ୍ୱ, ବିବେକ ତଥା ସମଭାବ ପ୍ରଦାନ କରିଥା'ନ୍ତି, ଠିକ୍ ସମପରିମାଣରେ ଜୀବକୁ ଜଡ଼ତା, ଅଜ୍ଞାନତା, ମୂଢ଼ତା, ଆସୁରିକ ପ୍ରବୃତ୍ତି, ହିଂସା, ଦ୍ୱେଷ, ପରଶ୍ରୀକାତରତା ଦେଇଥା'ନ୍ତି ଏବଂ ଭୟାତୁରା କରାଇ ଥାଆନ୍ତି । ଏହିକ୍ରିୟା ପିଣ୍ଡସ୍ଥ **ନାଦଗର୍ଦ୍ଦଣ କୋଷ** ମାଧ୍ୟମରେ ସମାହିତ ହୋଇଥାଏ । ନିଜର ସୁଅଭ୍ୟାସ, ସୁସଙ୍ଗ, ସୁଚିନ୍ତା, ସୁକର୍ମ ଦ୍ୱାରା ଯାହାର ନାଦଗର୍ଦ୍ଦଣ କୋଷ ଯେତିକି ବିକଶିତ, ତାହା ମଧ୍ୟରେ ମହାଦେବୀଙ୍କ ଆଶିଷ ସେତିକି କଲ୍ୟାଣମୟ । ମନୁଷ୍ୟ ଯେଉଁ ଭାବରେ ମଜ୍ଜିରହିଥାଏ, ମହାଦେବୀ ତାକୁ ଠିକ୍ ସେହିଭାବରେ ଦୃଢ଼ କରାଇଦିଅନ୍ତି । କିନ୍ତୁ ଯେତେବେଳେ ମନୁଷ୍ୟ କୁକର୍ମ କରିବାକୁ ଅଗ୍ରସର ହୁଏ, ସେତେବେଳେ ମହାଦେବୀ ତା' ମଧ୍ୟରେ ଭୟସୃଷ୍ଟି କରାଇ ସେ ଅପକର୍ମରୁ ନିବୃତ୍ତ କରିବାକୁ ପ୍ରୟାସ କରନ୍ତି । ଯେଉଁବ୍ୟକ୍ତି ସେହି ସଙ୍କେତ ବୁଝିପାରି ନିଜକୁ ସଂଯତ କରିନିଏ, ମହାଦେବୀ ତା'ର ପଥ ପରିଷ୍କାର କରି ବ୍ରହ୍ମାଭିମୁଖୀ କରାଇଦିଅନ୍ତି । ମାତ୍ର, ଯଦି ବ୍ୟକ୍ତି ସଙ୍କେତ ଗ୍ରହଣ ନକରି କୁକର୍ମରେ ଲିପ୍ତ ହୋଇଯାଏ, ତେବେ ମହାଦେବୀ ତାକୁ ପତନର

ଦ୍ୱାରକୁ ନିକ୍ଷେପ କରିଦିଅନ୍ତି । ଫଳସ୍ୱରୂପ ସେ ବ୍ରହ୍ମ ଅନୁରାଗୀ ହେବା ପରିବର୍ତ୍ତେ ବ୍ରହ୍ମଦ୍ରୋହୀ ତଥା ବ୍ରହ୍ମବିରୋଧୀ ହୋଇ ଜନ୍ମଜନ୍ମାନ୍ତର ଚକ୍ରରେ କେବଳ ଦୁଃଖ, କଷ୍ଟ ତଥା ଯନ୍ତ୍ରଣା ଭୋଗ କରି ଚାଲିଥାଏ । ବ୍ରହ୍ମ ଅନୁକମ୍ପାର ଲେଶମାତ୍ର ଅନୁଭବ ସେ କରିପାରେ ନାହିଁ ।

ଆଜି ସୃଷ୍ଟିରେ ଉପରୋକ୍ତ ଦ୍ୱିତୀୟ ପର୍ଯ୍ୟାୟଭୁକ୍ତ ମନୁଷ୍ୟ ବହୁଳଭାବରେ ରହିଛନ୍ତି । ଯୁଗଯୁଗଧରି ଭିନ୍ନ ଭିନ୍ନ ଯୋନିରେ ସେମାନେ ଜନ୍ମଗ୍ରହଣ କରି ବାସ୍ତବତାର ଏକ ଅପହଞ୍ଚ ଦୂରତାକୁ ଚାଲିଯାଇଛନ୍ତି । ସେଇଥିପାଇଁ ପରମକାରୁଣିକ ଚରମପୁରୁଷ ଆଜି ସେମାନଙ୍କର ଭାର ସ୍ୱୟଂ ବହନ କରି ଧରାପୃଷ୍ଠକୁ ଅବତରୀ ଆସିଛନ୍ତି । ସେମାନଙ୍କ ଜାଗତିକ ମୋହକୁ ବିନାଶ କରି ଅତିମାନସ ସ୍ତରର 'ଚରମଚୈତନ୍ୟ' ଜ୍ଞାନ ବିକଶିତ କରାଇବାର ଲକ୍ଷ୍ୟ ନେଇ କ୍ରମାଗତ ଭାବେ **'ଚରମ ଚୈତନ୍ୟ ମହାଯଜ୍ଞ'** କରାଇ ଚାଲିଛନ୍ତି । ଉଦ୍ଦେଶ୍ୟ - ଉକ୍ତ ଯଜ୍ଞରେ ସୃଷ୍ଟି ହେଉଥିବା ଆହୁତିଜନିତ ଧୂମ୍ରକୁଣ୍ଡଳୀ ଶରୀରରେ ସ୍ପର୍ଶ ଦେବାମାତ୍ରେ ନାଦଗର୍ଦ୍ଧଣ କୋଷର ସ୍ଥାଣୁତ୍ୱ ଦୂର ହୋଇ ମନୁଷ୍ୟ ଦିବ୍ୟସତ୍ତା ପାଇଁ ବ୍ୟାକୁଳ ହେବ । ତା'ର ମନରେ ସ୍ନେହ, ମମତା, କରୁଣା, ସମବେଦନା, କ୍ଷମା, ସହନଶୀଳତା, ଅହିଂସା, ପ୍ରତିଶ୍ରୁତିବଦ୍ଧତା, ଦୃଢ଼ତା ଓ ବ୍ରହ୍ମାଭିମୁଖୀ ହେବା ଇତ୍ୟାଦି ଦିବ୍ୟଗୁଣ ପ୍ରାପ୍ତିର ଆତୁରତା ସୃଷ୍ଟି ହେବ । ସମସ୍ତ ତାମସିକ, ପାଶବିକ ଗୁଣର ବିନାଶ ହୋଇ ଅତିମାନସ ସ୍ତରୀୟ ଦିବ୍ୟଗୁଣ ବିକଶିତ ହେବ ।

କିନ୍ତୁ ପିଣ୍ଡରେ ଏହି କ୍ରିୟା ସମ୍ପାଦନ କରିବାପାଇଁ **'ମହାଦେବୀ ବିଷ୍ଣୁମାୟା'**ଙ୍କ ସହାୟତା ଏକାନ୍ତ ଆବଶ୍ୟକ । ସେଥିପାଇଁ ସୃଷ୍ଟିର କଲ୍ୟାଣ କରିବାର ସଂକଳ୍ପ ନେଇ କରୁଣାମୟ **'ବିଷ୍ଣୁମାୟା'**କୁ ଆଜି ସ୍ୱୟଂ ଆବାହନ କରି ଜୀବକୁ ତାଙ୍କ ଶକ୍ତ ମାୟା ଶିକୁଳିରୁ ମୁକ୍ତ କରିବାକୁ ତାଙ୍କୁ ପୂଜା ସମର୍ପଣ କରୁଛନ୍ତି ।

ହେ ପୂଜନୀୟ ଦିବ୍ୟାତ୍ମାଗଣ ! ପ୍ରଳୟ ଆଜି ଦ୍ୱାର ଦେଶରେ ପହଞ୍ଚିସାରିଛି । ସମ୍ମୁଖରେ ସମୟ ଖୁବ୍ ସ୍ୱଳ୍ପ, କିନ୍ତୁ ଆମକୁ ଯିବାକୁ ଅଛି

ଅନେକ ଦୂରପଥ । ଏହି ସ୍ୱଳ୍ପ ସମୟ ମଧ୍ୟରେ ନିଜେ ନିଜକୁ ସେହି କଲ୍ୟାଣମୟଙ୍କ ପାଦପଦ୍ମରେ ସମ୍ପୂର୍ଣ୍ଣ ସମର୍ପିତ କରାଇ ମା' ବିଷ୍ଣୁମାୟାଙ୍କ ବନ୍ଧନରୁ ମୁକ୍ତ ହୋଇ ଯାଆନ୍ତୁ ଏବଂ ଅମୃତ ପାନ କରି ଅବ୍ୟକ୍ତ ପଞ୍ଜରରେ ନିଜ ପାଇଁ ଏକ ସ୍ଥାନ ନିଶ୍ଚିତ କରିନିଅନ୍ତୁ ।

ଯୁଗସନ୍ଧି ସମୟରେ ମହାଦେବୀଙ୍କର କରୁଣା ଅପରିହାର୍ଯ୍ୟ ମନେକରି ପରମ କାରୁଣିକ ଚରମେଶ୍ୱର ସନ ୧୯୯୬ ମସିହା ଫେବୃୟାରୀ ମାସ ୨୦ ତାରିଖରେ ଏକ ଅପୂର୍ବ ଅଦ୍ଭୁତ ସନ୍ଦେଶ ଦେଇଥିଲେ । ଯାହାକି :–

''ମାଆ, ମାଆ, ଡାକ ରହିଥାଉ ।
ମାଆ ମୋ ମହଦ୍ ମାୟାଜଉ ।।
ମୋହ ଜାଲରେ ତୁ ଢାଙ୍କିଦେଲୁ ।
ମୋହିନୀ ରୂପରେ ଫାନ୍ଦ କଲୁ ।।
ତନୁମନ ତୋର ତରଙ୍ଗ ପିଣ୍ଡ ।
ବନ୍ଧନ ତୁ ଫିଟା ଦେଖେ ବ୍ରହ୍ମାଣ୍ଡ ।।''

ଉପରୋକ୍ତ ବାଣୀକୁ ଗମ୍ଭୀରତାର ସହ ଲକ୍ଷ୍ୟ କଲେ ଦେଖିବେ, ପ୍ରଥମ ଦୁଇଟି ଧାଡ଼ିରେ ସେ ସ୍ପଷ୍ଟ ଉଲ୍ଲେଖ କରି ଦେଇଛନ୍ତି ଯେ, ମାଆ (ବିଷ୍ଣୁମାୟା) ତାଙ୍କର ମାୟାଜଉ । ସେହି ଜଉର ଅଠାରେ ସମସ୍ତେ ବନ୍ଦୀ । ତେଣୁ ସେ ବନ୍ଧନ ଫିଟିବା ନିହାତି ଆବଶ୍ୟକ । ଶେଷ ଦୁଇଧାଡ଼ିରେ ଜୀବଜଗତ ଉଦ୍ଦେଶ୍ୟରେ ଉଲ୍ଲେଖ କରି ନିର୍ଦ୍ଦେଶ କରିଛନ୍ତି ଯେ, ମାଆ (ବିଷ୍ଣୁମାୟା)ଙ୍କୁ ଆକୁଳ ନିବେଦନ କରି ନିଜେ ନିଜକୁ ସଂସ୍କାରିତ କରାଇନିଅ ଏବଂ ବନ୍ଧନ ଖୋଲିବାପାଇଁ ପ୍ରାର୍ଥନା କର । ନଚେତ୍ ମୋହ, ମାୟା ବନ୍ଧନରୁ ମୁକ୍ତି ଅସମ୍ଭବ ।

ହେ ମାନନୀୟ ଶ୍ରଦ୍ଧାଳୁ ବ୍ରହ୍ମଜିଜ୍ଞାସୁଗଣ ! 'ମାୟା' ସମ୍ପର୍କରେ, ଯଜ୍ଞ ସମ୍ବନ୍ଧରେ ତଥା ଚରମେଶ୍ୱରଙ୍କ କ୍ରିୟମାଣ ଇଚ୍ଛା ପ୍ରକାଶ କରିବାପରେ ବୋଧହୁଏ

ଆଉ କୌଣସି ସନ୍ଦେହ, ଦ୍ୱନ୍ଦ୍ୱ, ଅବିଶ୍ୱାସ ମନ ମଧ୍ୟରେ ରହିବ ନାହିଁ । ତେବେ ଆସନ୍ତୁ, ଏକମୁଖ ହୋଇ ପ୍ରାର୍ଥନା କରିବା-''ହେ ଚରମେଶ୍ୱର! ହେ ଚରମେଶ୍ୱରୀ !!! ଆମକୁ ବନ୍ଧନ ମୁକ୍ତ କରି ଆମର କଲ୍ୟାଣ ପଥର ଦ୍ୱାର ଉନ୍ମୁକ୍ତ କରିଦିଅ । ନିତ୍ୟ ରାହାସ ଶାନ୍ତି ପ୍ରଦାନ କର ।

ଏତିକିମାତ୍ର କାମନା କରି ଏହିଠାରେ ବିଦାୟ ନେଉଛୁ ।

''ସର୍ବେ ଭବନ୍ତୁ ସୁଖୀନଃ
ସର୍ବେ ଶନ୍ତୁ ନିରାମୟ
ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ
ମା କଶ୍ଚିଦ୍ ଦୁଃଖଭାଗ ଭବେଦ୍ ।''

ଓଁ ଶାନ୍ତିଃ ଓଁ ଶାନ୍ତିଃ ଓଁ ଶାନ୍ତିଃ

ଆମର ଲକ୍ଷ୍ୟ : ଚରମପ୍ରାପ୍ତି